- Vol.- 46, Issue No. 225
- Tuesday, 17 November 2026
- ମଙ୍ଗଳବାର, ୧୭ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଉପରାଷ୍ଟ୍ରପତିଙ୍କ 'ପାଠଶାଳା'ରେ ବିଧାୟକ

ଲୋକଙ୍କ ସେବାରେ ହିଁ ମିଳିବ ସମ୍ମାନ

- ଜନ ବିଶ୍ୱାସକୁ ମଜଭୁତ ରଖନ୍ତୁ
- ସୁସ୍ଥ ବିତର୍କ ଓ ଗଠନମୂଳକ ସହଯୋଗ ଅତ୍ୟନ୍ତ ଜରୁରୀ
- ଉତ୍ତରଦାୟିତ୍ୱ ଦକ୍ଷତାର ସହ ତୁଲାନ୍ତୁ
- ଚୋଳ ଯୁଗର କୁଡ଼ାଭୋଲଇ ବ୍ୟବସ୍ଥାର ଦେଲେ ଉଦାହରଣ



ଭୁବନେଶ୍ୱର, ୧୬।୧୧: ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସୋମବାର ଭୁବନେଶ୍ୱରରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପାଇଁ ଆୟୋଜିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଛନ୍ତି । ସେ ବିଧାୟକମାନଙ୍କୁ ଭାରତର ସମୃଦ୍ଧ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକୁ ମଜଭୁତ କରିବା ଲାଗି ଗଠନମୂଳକ ବିତର୍କ, ସଚେତନ ଆଲୋଚନା, ବିଧାନପାଳିକାର ଦକ୍ଷତା ଏବଂ ଲୋକ-କୈନ୍ଦ୍ରିକ ପ୍ରଶାସନ ଉପରେ ଉପରାଷ୍ଟ୍ରପତି ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲେ । ଏଭଳି ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜନ ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରଶଂସା କରିଥିଲେ ଉପ ରାଷ୍ଟ୍ରପତି । ଏଭଳି କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ଏବଂ ବିଧାୟକମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଉତ୍ତରଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିବାକୁ ସକ୍ଷମ କରିଥାଏ ବୋଲି ଉପରାଷ୍ଟ୍ରପତି କହିଥିଲେ । ଭାରତର ପ୍ରାଚୀନ ଗଣତାନ୍ତ୍ରିକ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରି ଉପ ରାଷ୍ଟ୍ରପତି ବୈଶାଳୀର ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ଚୋଳ ଯୁଗର କୁଡ଼ାଭୋଲଇ ବ୍ୟବସ୍ଥାର ଉଦାହରଣ ଦେଇଥିଲେ। ଓଡ଼ିଶାର ବିଧାୟକମାନେ ଏହି ସମ୍ମାନଜନକ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ସେ ଆହ୍ୱାନ କରିଥିଲେ। ନିର୍ବାଚନୀ ବିଜୟକୁ ଅର୍ଥପୂର୍ଣ୍ଣ ଜନସେବାରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରି ଉପ-ରାଷ୍ଟ୍ରପତି କହିଥିଲେ, ''ଭୋଟ୍ ମାଧ୍ୟମରେ ଆମେ ନିର୍ବାଚନରେ ଜିତିଥାଉ, କିନ୍ତୁ କେବଳ ନିଜର ସେବା ମାଧ୍ୟମରେ ହିଁ ଆମେ ଲୋକଙ୍କ ସମ୍ମାନ ଅର୍ଜନ କରିପାରିବା।'' ବିଧାନସଭା କେବଳ ତର୍କ-ବିତର୍କର ଏକ ମଞ୍ଚ ନୁହେଁ; ଏଠାରେ ପ୍ରସ୍ତୁତ ପ୍ରତ୍ୟେକ ନୀତି, ଉପସ୍ଥାପିତ ପ୍ରଶ୍ନ ଏବଂ ପ୍ରଣୀତ ଆଇନରେ ଅଗଣିତ ନାଗରିକଙ୍କ ଜୀବନରେ ଉନ୍ନତି ଆଣିବାର କ୍ଷମତା ରହିଛି ବୋଲି ସେ କହିଥିଲେ । ବୈଧାନିକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବା ପ୍ରସଙ୍ଗ ଉପରେ ଆଲୋକପାତ କରି ଉପ ରାଷ୍ଟ୍ରପତି କହିଥିଲେ, ଜନସାଧାରଣ ଓ ସମ୍ବିଧାନ ପ୍ରତି ରହିଥିବା ବୃହତର ପ୍ରତିବଦ୍ଧତାର ମାର୍ଗରେ ମତଭେଦ କୌଣସି ବାଧା ସୃଷ ି କରିବା ଉଚିତ ନୁହେଁ । ନିରନ୍ତର ପ୍ରଶିକ୍ଷଣ ଏବଂ ପ୍ରସ୍ତୁତିର ଆବଶ୍ୟକତା ଉପରେ ଆଲୋକପାତ କରି, ଉପରାଷ୍ଟ୍ରପତି ସଦସ୍ୟମାନଙ୍କୁ ବୈଧାନିକ ନିୟମ ଓ ପ୍ରକ୍ରିୟା, ବଜେଟ୍ ପ୍ରକ୍ରିୟା, କମିଟି ବ୍ୟବସ୍ଥା, ସଂସଦୀୟ ପରମ୍ପରା ଏବଂ ନୈତିକତା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ ହେବାକୁ ପରାମର୍ଶ ଦେଇଥିଲେ। ଉପରାଷ୍ଟ୍ରପତି ପ୍ରଶ୍ନକାଳ ଓ ଶୂନ୍ୟକାଳର ଗୁରୁତ୍ୱ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ । ବିଧାନସଭା କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟାର ବର୍ଦ୍ଧିତ ଭୂମିକା ଉପରେ ଆଲୋକପାତ କରି, ଉପରାଷ୍ଟ୍ରପତି ଜାତୀୟ ଇ-ବିଧାନ ଆପ୍ଲିକେସନ୍ ଅଧୀନରେ ଓଡ଼ିଶା ବିଧାନସଭାରେ ଡିଜିଟାଲ୍ ହାଉସ୍ ଉଦଘାଟନକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ବ୍ରଜ ମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ବିଧାୟକମାନଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଓଡ଼ିଶା ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ଉପରାଷ୍ଟ୍ରପତି ।

'ବୋଧେ ବିରୋଧୀ ଶିଖିବାକୁ ପ୍ରସ୍ତୁତ ନାହାନ୍ତି'



ଭୁବନେଶ୍ୱର, ୧୬।୧୧: ବିଧାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିରୋଧୀ ସାମିଲ ନ ହେବା ଉପରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ମୁଁ ସ୍ଥାୟୀ ଛାତ୍ର । ଜୀବନ ଯାକ ପାଠପଢିବାକୁ ଚେଷ୍ଟା କରିବି । ନୂଆ ଶିଖିବାକୁ ଚେଷ୍ଟା କରିବି । କିନ୍ତୁ ବୋଧେ ବିରୋଧୀ ଶିଖିବାକୁ ପ୍ରସ୍ତୁତ ନାହାନ୍ତି । ବିରୋଧୀ ଏହି କାର୍ଯ୍ୟକ୍ରମକୁ ନ ଆସି ଉପରାଷ୍ଟ୍ରପତିଙ୍କୁ ଅସମ୍ମାନ କରିଛନ୍ତି । ଏହା ଏକ ବିଧାନସଭା କାର୍ଯ୍ୟକ୍ରମ । ଏହା କୌଣସି ସରକାରୀ କାର୍ଯ୍ୟକ୍ରମ ନୁହେଁ । ବିରୋଧୀ ଏହାର ଗୁରୁତ୍ୱ ବୁଝିବା ଦରକାର ବୋଲି କହିଛନ୍ତି ସୁରେଶ ପୂଜାରୀ । ଏଠାରେ ସୂଚନା ଯୋଗ୍ୟ ବିଧାୟକ ପ୍ରଶିକ୍ଷକ କାର୍ଯ୍ୟକ୍ରମକୁ ଉଭୟ ଦଳର ବିଧାୟକ ଆସି ନାହାନ୍ତି । ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କଂଗ୍ରେସ ଓ ବିଜେଡିରୁ ନିଲମ୍ବିତ ବିଧାୟକମାନେ ଯୋଗ ଦେଇଛନ୍ତି । ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ବିଜେଡିରୁ ନିଲମ୍ବିତ ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଅନ୍ୟ କେତେକ ଯୋଗ ଦେଇଥିଲେ। ଠିକ ସେହିପରି କଂଗ୍ରେସରୁ ନିଲମ୍ବିତ କଟକ- ବାରବାଟୀ ବିଧାୟକ ସୌଫିଆ ଫିରଦୋସ ବି ଏଥିରେ ଉପସ୍ଥିତ ଥିଲେ । କଂଗ୍ରେସର ବିଧାୟକମାନେ ଏହାକୁ ବର୍ଜନ କରିବେ ବୋଲି ଆଗରୁ ପିସିସି ସଭାପତି ଭକ୍ତ ଚରଣ ଦାସ ଘୋଷଣା କରିସାରିଛନ୍ତି ।

ଏନ୍.ଭାସ୍କର ରାଓଙ୍କ ଜାମିନ ଖାରଜ

ରାୟଗଡା,୧୬।୧୧(ନିପ୍ର): ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି । ରାୟଗଡା ଜିଲ୍ଲା ଦୌରା ଜଜଙ୍କ ଦ୍ୱାରା ଆବେଦନ ଖାରଜ ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଗତ ନଭେମ୍ବର ୯ ତାରିଖରେ ଏନ. ଭାସ୍କର ରାଓଙ୍କ ସମେତ ଅନ୍ୟ ୪ଜଣ ଅଭିଯୁକ୍ତ ରାୟଗଡା ଏସଡ଼ିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସେଠାରେ ହତ୍ୟା ଅଭିଯୁକ୍ତମାନଙ୍କ ଜାମିନ ଆବେଦନକୁ



ଅଦାଲତ ଖାରଜ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ସୂତ୍ର ମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ ସୋମବାର ରାୟଗଡ଼ାସ୍ଥିତ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କର ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବତନ କାଉନସିଲର ଭାଗୀରଥୀ ମାଣ୍ଡାଙ୍ଗୀଙ୍କ ହତ୍ୟା ମାମଲା ସହ ଏହି ଘଟଣା ଜଡ଼ିତ। ଏହି ମାମଲାରେ ଅଭିଯୁକ୍ତ ଭାସ୍କର ରାଓ ଏବଂ ଅନ୍ୟମାନଙ୍କୁ ଗତ ଜାନୁଆରୀ ୨୨ ତାରିଖରେ ଓଡ଼ିଶା ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି ମୃତକଙ୍କ ମୂଳ ଅଭିଯୋଗକାରୀ ଜଗନ୍ନାଥ ମାଣ୍ଡାଙ୍ଗୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ସର୍ବୋଚ୍ଚ ନ୍ୟାୟାଳୟ ଭାସ୍କର ରାଓଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ରାୟଗଡା ଜିଲ୍ଲା ଦୌରାଜଜ ଉଭୟ ପକ୍ଷ ଓକିଲଙ୍କ ଯୁକ୍ତିକୁ ବିଚାର କରି ଜାମିନ ଆବେଦନକୁ ଖାରଜ କରି ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି।

୮ ଜିଲ୍ଲା ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୧୬।୧୧: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଅକ୍ୱାନକୁ ନେଇ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ବାତ୍ୟାର ସମ୍ଭାବ୍ୟ ପ୍ରଭାବ ଓ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏନେଇ ସୋମବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟରେ ସମସ୍ତ ବିଭାଗର ସଚିବ ଓ ନିର୍ଦ୍ଦେଶକଙ୍କୁ ନେଇ ଏକ ସମୀକ୍ଷା ବୈଠକ ହୋଇଛି। ବୈଠକରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଆକଳନ ଓ ସୂଚନା ଆଧାରରେ ପ୍ରତ୍ୟେକ ବିଭାଗକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।ବାତ୍ୟା ଅକ୍ୱାନର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ୮ଟି ଜିଲ୍ଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବାତ୍ୟାର ପ୍ରଭାବ ଶେଷ ହେବା ପର୍ଯ୍ୟନ୍ତ ହେଡକ୍ୱାର୍ଟର ଛାଡି ଯାଇପାରିବେନାହିଁ ଅଧିକାରୀ କିମ୍ବା କର୍ମଚାରୀ । ଛୁଟି ବାତିଲ ହୋଇଥିବା ୮ ଜିଲ୍ଲା ହେଉଛି କୋରାପୁଟ, ରାୟଗଡ଼ା, ଗଜପତି, ସୁନ୍ଦରଗଡ଼, ମାଲକାନଗିରି, କନ୍ଧମାଳ, ଗଞ୍ଜାମ ଓ ପୁରୀ। ଅନ୍ୟ ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଛୁଟି ବାତିଲ କରିବା ନେଇ ସମ୍ପୃକ୍ତ ଜିଲ୍ଲାପାଳମାନେ ନିଷ୍ପତ୍ତି ନେବେ।

ଚାହୁଁଛନ୍ତି ବିରୋଧୀ

ସିଇସିଙ୍କୁ ସୁପ୍ରିମକୋର୍ଟରେ ହେଉ ଜେରା

ଦାଖଲ କଲେ ୪୮ ପ୍ରଶ୍ନ

ନୂଆଦିଲ୍ଲୀ,୧୬।୧୧: ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଜେରା କରିବାକୁ ଚାହୁଁଛନ୍ତି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ। ଏନେଇ ବିରୋଧୀ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)ର ଶୁଣାଣି ବେଳେ ଇଣ୍ଡିଆ ବ୍ଲକ ସିଇସି ଜ୍ଞାନେଶ କୁମାରଙ୍କୁ ସୁପ୍ରିମକୋର୍ଟରେ ଜେରା କରିବାକୁ ଚାହିଁଥିବା ଆଜି ଦାଖଲ କରିଥିବା ଆବେଦନରେ ଉଲ୍ଲେଖ କରିଛି। ସୋମବାର ଇଣ୍ଡିଆ ବ୍ଲକ ଦାଖଲ କରିଥିବା ଆବେଦନରେ ଅଭିଯୋଗ କରିଛି ଯେ ନିର୍ବାଚନ କମିଶନ ବର୍ତ୍ତମାନ ଶୁଣାଣି ସମୟରେ କେବଳ ନିଜର ବିବୃତି ବା ଦାବି ଉପସ୍ଥାପନ କରିଛନ୍ତି। ହେଲେ ବିବାଦ ସହ ଜଡ଼ିତ



କୌଣସି ଉପଯୁକ୍ତ ତଥ୍ୟ ଓ ଦାବିକୁ ସହାୟତା କରିବା ଭଳି ଦସ୍ତାବିଜ କୋର୍ଟଙ୍କ ଆଗରେ ରଖି ନାହାନ୍ତି। ତେଣୁ ବିସ୍ତୃତ ତଥ୍ୟ ପାଇଁ ଜେରାର ଆବଶ୍ୟକତା ରହିଛି। ଏସ୍‌ଆଇଆର ସହ ଜଡ଼ିତ ବିଭିନ୍ନ ଦିଗ ସମ୍ପର୍କରେ ଜାଣିବା ପାଇଁ ଜେରା ପାଇଁ ଅନୁମତି ଦିଆଯାଉ। ଯେଉଁ ସବୁ ସୂଚନା ଓ ଦସ୍ତାବିଜ ମଗାଯାଇଛି, ସେଗୁଡ଼ିକ ସ୍ୱତନ୍ତ୍ର ଭାବେ କେବଳ ନିର୍ବାଚନ କମିଶନଙ୍କ ପାଖରେ ରହିଛି। ନିର୍ବାଚନ କମିଶନ ନିଜେ କରିଥିବା ଦାବିର ସତ୍ୟତା ଜାଣିବା ହିଁ ପ୍ରଶ୍ନର ଉଦ୍ଦେଶ୍ୟ। ଏପରି ଆବେଦନ କୌଣସି ନିରାଧାର ତଦନ୍ତ ପାଇଁ ଆଦୌ ନୁହେଁ ବୋଲି ଆବେଦନରେ କୁହାଯାଇଛି। ଇଣ୍ଡିଆ ବ୍ଲକ ପକ୍ଷରୁ ମୋଟ ୪୮ଟି ପ୍ରଶ୍ନର ଉତ୍ତର ସେମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ସମେତ ଡେପୁଟି ନିର୍ବାଚନ କମିଶନର ଭାନୁ ପ୍ରକାଶ ୟେତୁରୁଙ୍କ ଠାରୁ ଲୋଡ଼ିଛନ୍ତି।

॥ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଇକନିକ୍ ଟାୱାର ଲୋକାର୍ପିତ ॥

ଶିକ୍ଷା ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୧(ନିପ୍ର): କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଦ୍ୱାରା ନବ ନିର୍ମିତ 'ଆଇକନିକ୍ ଟାୱାର' ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସୋମବାର ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ; କାରଣ ବିଶ୍ୱବିଦ୍ୟାଳୟର 'ଆଇକନିକ୍ ଟାୱାର'ର ଲୋକାର୍ପଣ ଉପ-ରାଷ୍ଟ୍ରପତିଜୀଙ୍କ କରକମଳରେ ହେଉଛି ଏବଂ ମତେ ଏହି ଅବସରର ସାକ୍ଷୀ ହେବାର ସୁଯୋଗ ମିଳିଛି। ଏହି ଐତିହାସିକ କ୍ଷଣ ପାଇଁ ମୁଁ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଜୀଙ୍କୁ ଅଭିନନ୍ଦନ ଜଣାଉଛି। କଳିଙ୍ଗ ସ୍ଥାପତ୍ୟ ଅନୁସାରେ ଲିଙ୍ଗରାଜ ମନ୍ଦିରଠାରୁ ପ୍ରେରିତ ଏହି ଟାୱାର କେବଳ ଏକ ଇମାରତ ନୁହେଁ, ଏହା ରାଜ୍ୟର ଶିକ୍ଷା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଲିପିବଦ୍ଧ କରିବ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଜ୍ଞାନ ହିଁ ଶକ୍ତି'। ଆମକୁ ଏହି ଜ୍ଞାନ 'ଶିକ୍ଷା'ରୁ ମିଳିଥାଏ। ଦେଶରେ ବିଶ୍ୱସ୍ତରୀୟ ଶୈକ୍ଷଣିକ ସଂସ୍ଥାନ ଯେପରିକି ଆଇଆଇଟି,ଆଇଆଇଏମ୍,ଗବେଷଣା କେନ୍ଦ୍ର ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ରୁତ ଗତିରେ ନିର୍ମାଣ ହେଉଛି। କେବଳ ସରକାରୀ କ୍ଷେତ୍ରରେ ନୁହେଁ, ବେସରକାରୀ କ୍ଷେତ୍ରରେ ମଧ୍ୟ ଏହି ଭିତ୍ତିଭୂମି ଗଢ଼ିଉଠୁଛି। ଶ୍ରୀ ଶ୍ରୀ




ବିଶ୍ୱବିଦ୍ୟାଳୟର ଆଇକନିକ୍ ଟାୱାର ଏହି ଚିନ୍ତାଧାରାର ଏକ ପ୍ରତୀକ ଅଟେ। ଆମେ ଜାଣୁ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ କରିବାକୁ ହେଲେ ଶିକ୍ଷାକୁ ପ୍ରାଥମିକତା ଦେବାକୁ ପଡ଼ିବ। ଓଡ଼ିଶା, ବିଶେଷକରି ଭୁବନେଶ୍ୱର ପୂର୍ବ ଭାରତର 'ଶିକ୍ଷା ରାଜଧାନୀ' ଭାବେ ଉଭା ହେଉଛି। ଏହି ଯାତ୍ରାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଜିର ଏହି ଆଇକନିକ୍ ଟାୱାର ଓଡ଼ିଶାର ଶିକ୍ଷାଗତ ପୃଷ୍ଠଭୂମିରେ ଆଉ ଏକ ସଂଯୋଜନ ଅଟେ। ଶିକ୍ଷାକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଆମେ ଚାରୋଟି ନୂତନ ବିଶ୍ୱବିଦ୍ୟାଳୟ, ଚାରୋଟି ମେଡିକାଲ କଲେଜ, ସାତଟି ନର୍ସିଂ କଲେଜ, ତିନୋଟି ଆୟୁର୍ବେଦିକ କଲେଜ ଏବଂ ତିନୋଟି ଡେଣ୍ଟାଲ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛୁ। ଏଥିମଧ୍ୟରୁ ଅନେକ ନୂତନ ଅନୁଷ୍ଠାନର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇସାରିଛି। ଆମ ସରକାର ଯୁବବର୍ଗଙ୍କ ପାଇଁ ଶିକ୍ଷା ସହିତ ରୋଜଗାର କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଆଗାମୀ କିଛି ବର୍ଷ ଭିତରେ ଓଡ଼ିଶାରେ ଲକ୍ଷ ଲକ୍ଷ ରୋଜଗାର ସୃଷ୍ଟି ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ପୂଜ୍ୟ ଗୁରୁଦେବ ଶ୍ରୀଶ୍ରୀ ରବି ଶଙ୍କର ଉପସ୍ଥିତ ଥିଲେ ।

ସୃଷ୍ଟି ହେଲା ବାତ୍ୟା 'ଅକ୍ୱାନ'

- ★ ଆନ୍ଧ୍ରରେ ହେବ ମାଡ଼, ଓଡ଼ିଶାରେ ବର୍ଷିବ
- ★ ୨୦ ତାରିଖ ମଧ୍ୟାହ୍ନରେ ନେଲୁର-ଚୁନି ମଧ୍ୟରେ ସ୍ଥଳଭାଗ ଛୁଇଁପାରେ
- ★ ଉପକୂଳବର୍ତ୍ତୀ ଅଞ୍ଚଳରେ ବଢ଼ିଲା ଚିନ୍ତା
- ★ ଝଟକା ପବନ ବେଗ ରହିପାରେ ୧୪୫ କିମି
- ★ ପୁରୀ, ଗଞ୍ଜାମ ଓ ଗଜପତିକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୬।୧୧: ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୋମବାର ସନ୍ଧ୍ୟାରେ ସୃଷ୍ଟି ହୋଇଛି ବାତ୍ୟା 'ଅକ୍ୱାନ'। ଏହା ଘଣ୍ଟା ପ୍ରତି ୧୦ କିମି ବେଗରେ ଉତ୍ତରକୁ ଗତି କରୁଛି। ଏହା ବିଶାଖାପାଟଣାଠାରୁ ୬୭୦ କିମି ଓ ଗୋପାଳପୁରଠାରୁ ୭୯୦ କିମି ଦୂରରେ ରହିଛି। ଆନ୍ଧ୍ର ପ୍ରଦେଶ ଉପକୂଳ ଆଡ଼କୁ ଏହି ଶକ୍ତିଶାଳୀ ବାତ୍ୟା ମାଡ଼ି ଆସୁଛି। ଆସନ୍ତା ୨୦ ତାରିଖ ମଧ୍ୟାହ୍ନ ସୁଦ୍ଧା ଏହା ଆନ୍ଧ୍ର ଉପକୂଳ ଅତିକ୍ରମ କରିବାର ଆଶଙ୍କା ରହିଛି। ନେଲୁର ଓ ଚୁନି ମଧ୍ୟରେ ଅତି ଭୀଷଣ ବାତ୍ୟା ଭାବେ ଏହା ସ୍ଥଳଭାଗ ଛୁଇଁପାରେ। ଲ୍ୟାଣ୍ଡଫଲ୍ ସମୟରେ ବାତ୍ୟାର ପ୍ରଭାବରେ ପବନର ବେଗ ଘଣ୍ଟାପ୍ରତି ୧୨୦ରୁ ୧୩୦ କିଲୋମିଟର ରହିବା ସମ୍ଭାବନା ରହିଛି। ଏପରିକି ମଝିରେ ମଝିରେ ପବନର ଝଟକା ୧୪୫ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ।



ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ନେଇ ଉପକୂଳବର୍ତ୍ତୀ ଅଞ୍ଚଳରେ ଚିନ୍ତା ବଢ଼ିଛି। ଆସନ୍ତା ୨୧ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଆସନ୍ତା ୧୮ ତାରିଖରୁ ରାଜ୍ୟରେ ଏହାର ପ୍ରଭାବ ପଡ଼ିପାରେ। ବୁଧବାର ପାଇଁ ରାଜ୍ୟର ୧୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ପ୍ରକୃତି ପୂଜନର ଅନନ୍ୟ ପର୍ବ

ଅଁଳା ନବମୀ







ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବାରମାସରେ ତେର ପର୍ବ ପାଳନର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଏହି ପର୍ବପର୍ବାଣି କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ବରଂ ମଣିଷ, ପ୍ରକୃତି, ପରିବେଶ ଓ ସାମାଜିକ ଜୀବନ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପରିଚୟ ଦେଇଥାଏ। ସେହିଭଳି ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ ହେଉଛି କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ପାଳିତ ଅଁଳା ନବମୀ। ଏହାକୁ ଅକ୍ଷୟ ନବମୀ ବୋଲି ମଧ୍ୟ କୁହାଯାଏ।

ଏହି ପର୍ବର ମୂଳ ଆଧାର ହେଉଛି ଅଁଳା ବୃକ୍ଷର ପୂଜା। ହିନ୍ଦୁ ଧାର୍ମିକ ପରମ୍ପରାରେ ଅଁଳା ଗଛକୁ ପବିତ୍ର ବୃକ୍ଷ ଭାବେ ଗ୍ରହଣ କରାଯାଇଛି। ପୁରାଣ ଓ ଲୋକବିଶ୍ୱାସ ଅନୁସାରେ ଏହି ବୃକ୍ଷରେ ଭଗବାନ ବିଷ୍ଣୁଙ୍କ ବାସ ରହିଥାଏ। ତେଣୁ ଏହି ଦିନ ମହିଳାମାନେ ଅଁଳା ବୃକ୍ଷ ମୂଳରେ ପୂଜାର୍ଚ୍ଚନା କରିବା ସହ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିଥାନ୍ତି। କେତେକ ସ୍ଥାନରେ ଅଁଳା ଗଛ ମୂଳରେ ଭୋଜନ ପ୍ରସ୍ତୁତ କରି ସାମୂହିକ ଭୋଜନ କରିବାର ପରମ୍ପରା ମଧ୍ୟ ରହିଛି।

ସାକ୍ଷୀଗୋପାଳର ରାଧାପାଦ ଦର୍ଶନ:

ଓଡ଼ିଶାର ଅନନ୍ୟ ପରମ୍ପରା ଅଁଳା ନବମୀ କହିଲେ ଓଡ଼ିଶାର ଧାର୍ମିକ ଚେତନାରେ ପ୍ରଥମେ ମନକୁ ଆସେ ପୁରୀ ଜିଲ୍ଲାର ସତ୍ୟବାଦୀସ୍ଥିତ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିର। ଏଠାରେ ଏହି ଦିନର ସବୁଠାରୁ ଆକର୍ଷଣୀୟ ଓ ବିରଳ ପରମ୍ପରା ହେଉଛି ମା' ରାଧାରାଣୀଙ୍କ ରାଧାପାଦ ଦର୍ଶନ। ବର୍ଷର ଅନ୍ୟ ଦିନମାନଙ୍କରେ ରାଧାରାଣୀଙ୍କ ପାଦପଦ୍ମ ଆବୃତ ରହୁଥିବା ବେଳେ ଅଁଳା ନବମୀ ଦିନ ଭକ୍ତମାନେ ତାଙ୍କର ପାଦ ଦର୍ଶନ କରିବାର ସୁଯୋଗ ପାଆନ୍ତି। ଏହି ଦିନ ମା' ରାଧାରାଣୀ ପାରମ୍ପରିକ ଓଡ଼ିଆଣୀ ବେଶରେ ସଜ୍ଜିତ ହୋଇଥାନ୍ତି। ଓଡ଼ିଆ ଘରର ବୋହୂମାନେ ପୂର୍ବେ ଯେପରି ଶାଢ଼ିକୁ କାଣିଆ କଛା ମାରି ପିନ୍ଧୁଥିଲେ, ସେହି ଢଙ୍ଗରେ ରାଧାରାଣୀଙ୍କୁ ସଜ୍ଜିତ କରାଯାଏ। ଶ୍ରୀକୃଷ୍ଣଙ୍କୁ ନଟବର ବେଶରେ ମଧ୍ୟ ସଜ୍ଜିତ କରାଯାଏ। ଏହି ଅନନ୍ୟ ପରମ୍ପରା ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ଅଧିକ ସମୃଦ୍ଧ କରିଛି। ସାକ୍ଷୀଗୋପାଳ ମନ୍ଦିରରେ ଏହି ପର୍ବର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୋଗର ତଥ୍ୟ ମଧ୍ୟ ଉଲ୍ଲେଖନୀୟ।

ଅଁଳା ବୃକ୍ଷର ଔଷଧୀୟ ଓ ପରିବେଶଗତ ମହତ୍ତ୍ୱ:

ଅଁଳା ନବମୀର ମହତ୍ତ୍ୱ କେବଳ ଧାର୍ମିକ ଆସ୍ଥା ମଧ୍ୟରେ ସୀମିତ ନୁହେଁ। ଅଁଳା ଏକ ଔଷଧୀୟ ଗୁଣସମ୍ପନ୍ନ ଫଳ। ଆୟୁର୍ବେଦରେ ଏହାକୁ ଧାତ୍ରୀଫଳ ଭାବେ ଅଭିହିତ କରାଯାଇଛି। ଏଥିରେ ଭିଟାମିନ୍-ସି ଓ ବିଭିନ୍ନ ପୋଷକ ତତ୍ତ୍ୱ ରହିଛି। ପାରମ୍ପରିକ ଭାବେ ଏହାକୁ ହଜମ ଶକ୍ତି ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଉପଯୋଗ କରାଯାଏ।ଅଁଳା ବୃକ୍ଷ ମାଟିର ଉର୍ବରତା, ପକ୍ଷୀମାନଙ୍କ ଖାଦ୍ୟ ଓ ଜୈବ ବିବିଧତାରେ ମଧ୍ୟ ସହାୟକ। ଏକ ବୃକ୍ଷକୁ ଦେବତାଙ୍କ ଆସନ ଭାବେ ପୂଜା କରିବାର ପରମ୍ପରା ଆମ ସମାଜକୁ ବୃକ୍ଷ ସୁରକ୍ଷାର ଏକ ସାଂସ୍କୃତିକ ବାର୍ତ୍ତା ଦେଇଥାଏ।

ଅକ୍ଷୟ ନବମୀର ଆଧ୍ୟାତ୍ମିକ ସନ୍ଦେଶ:

'ଅକ୍ଷୟ' ଶବ୍ଦର ଅର୍ଥ ହେଉଛି ଯାହା କ୍ଷୟ ହୁଏ ନାହିଁ ବା ଚିରସ୍ଥାୟୀ। ଧାର୍ମିକ ବିଶ୍ୱାସ ଅନୁସାରେ ଏହି ଦିନ କରାଯାଇଥିବା ପୂଜା, ଦାନ, ଧର୍ମ ଓ ସତ୍‌କର୍ମର ଫଳ ଅକ୍ଷୟ ହୋଇଥାଏ। ତେଣୁ ଏହି ଦିନ ଭକ୍ତମାନେ ବିଷ୍ଣୁଙ୍କ ଆରାଧନା ସହିତ ଅଁଳା ବୃକ୍ଷ ପୂଜା କରିଥାନ୍ତି। ଅନେକ ସ୍ଥାନରେ ଅଁଳା ଗଛ ମୂଳରେ ରୋଷେଇ କରି ଭୋଜନ କରିବାର ପରମ୍ପରା ମଧ୍ୟ ପ୍ରଚଳିତ।

ପରମ୍ପରାର ସୁରକ୍ଷା ଆଜିର ଆହ୍ୱାନ:

ଆଧୁନିକତାର ଦୌଡ଼ରେ ମଣିଷ ଧୀରେ ଧୀରେ ପ୍ରକୃତିଠାରୁ ଦୂରେଇ ଯାଉଛି। ଜଙ୍ଗଲ କ୍ଷୟ, ବୃକ୍ଷ ନିଧନ, ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଆଜି ମାନବ ସମାଜ ପାଇଁ ଏକ ବଡ଼ ଆହ୍ୱାନ। ଏଭଳି ସମୟରେ ଅଁଳା ନବମୀର ମହତ୍ତ୍ୱ ଆହୁରି ବୃଦ୍ଧି ପାଇଛି।ଏହି ପର୍ବ ଆମକୁ ଶିଖାଏ ଯେ ବୃକ୍ଷ କେବଳ କାଠ ବା ଫଳର ଉତ୍ସ ନୁହେଁ, ଏହା ଜୀବଜଗତର ଜୀବନଧାରା। ତେଣୁ କେବଳ ଗୋଟିଏ ଦିନ ଅଁଳା ଗଛକୁ ପୂଜା କରିଦେଲେ ଆମର କର୍ତ୍ତବ୍ୟ ଶେଷ ହୁଏ ନାହିଁ। ପ୍ରତ୍ୟେକ ପରିବାର ଅନ୍ତତଃ ଗୋଟିଏ ଔଷଧୀୟ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବା ଉଚିତ।

- କୈଳାଶ ଚନ୍ଦ୍ର ପଟ୍ଟନାୟକ
କୃଷ୍ଣପ୍ରସାଦ, ପୁରୀ
ମୋ - ୯୯୩୭୪୩୩୧୬୬

ପଞ୍ଚୁକ ମହତ୍ତ୍ୱ





ଓଡ଼ିଶାର ଧାର୍ମିକ ପରମ୍ପରା ଓ ସଂସ୍କୃତିରେ କାର୍ତ୍ତିକ ମାସର ରହିଛି ସ୍ୱତନ୍ତ୍ର ମହତ୍ତ୍ୱ। ଏହି ମାସର ଶେଷ ପାଞ୍ଚ ଦିନକୁ ପଞ୍ଚୁକ କୁହାଯାଏ। ବଡ଼ ଏକାଦଶୀ ବା ଦେବୋତ୍ଥାନ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ପାଳନ କରାଯାଏ। ଏହି ସମୟରେ ଭକ୍ତମାନେ ଭଗବାନ ବିଷ୍ଣୁ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆରାଧନା କରିବା ସହ ବ୍ରତ, ଉପବାସ ଓ ସାତ୍ତ୍ୱିକ ଜୀବନଯାପନ କରନ୍ତି। ପଞ୍ଚୁକକୁ ଭୀଷ୍ମ ପଞ୍ଚକ ଓ ବଗ ପଞ୍ଚକ ନାମରେ ମଧ୍ୟ ଜଣାଯାଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ, ଯେଉଁମାନେ ପୂରା କାର୍ତ୍ତିକ ମାସ ହବିଷ୍ୟ ବ୍ରତ ପାଳନ କରିପାରନ୍ତି ନାହିଁ, ସେମାନେ ଏହି ଶେଷ ପାଞ୍ଚ ଦିନ ନିଷ୍ଠାର ସହ ବ୍ରତ ପାଳନ କଲେ ସମ୍ପୂର୍ଣ୍ଣ ମାସର ପୁଣ୍ୟ ଫଳ ପାଇଥାନ୍ତି। ମହାଭାରତର ପୌରାଣିକ କଥା ଅନୁସାରେ, ଶରଶଯ୍ୟାରେ ଥିବା ପିତାମହ ଭୀଷ୍ମ ଏହି ପାଞ୍ଚ ଦିନ ପାଣ୍ଡବ ଓ ଶ୍ରୀକୃଷ୍ଣଙ୍କୁ ରାଜଧର୍ମ, ମୋକ୍ଷଧର୍ମ ଓ ଦାନଧର୍ମ ବିଷୟରେ ଉପଦେଶ ଦେଇଥିଲେ। ତେଣୁ ଏହାକୁ ଭୀଷ୍ମ ପଞ୍ଚକ କୁହାଯାଏ।

ତୁଳସୀ ବିବାହ ଓ ବିଶେଷ ପୂଜାର୍ଚ୍ଚନା

ବିଶ୍ୱାସ ରହିଛି ଯେ, ଚାରି ମାସର ଯୋଗନିଦ୍ରା ପରେ ବଡ଼ ଏକାଦଶୀ ଦିନ ଭଗବାନ ବିଷ୍ଣୁ ଜାଗ୍ରତ ହୁଅନ୍ତି। ଏହି ଅବସରରେ ତୁଳସୀ ଚଉରା ନିକଟରେ ମୁରୁଜ ପକାଇ ତୁଳସୀ ବିବାହ ଓ ବିଶେଷ ପୂଜାର୍ଚ୍ଚନା କରାଯାଏ। ଅନ୍ୟପଟେ, ଏହି ପାଞ୍ଚ ଦିନରେ ଆମିଷ, ପିଆଜ ଓ ରସୁଣ ତ୍ୟାଗ କରି ସାତ୍ତ୍ୱିକ ଆହାର ଗ୍ରହଣ କରିବାର ପରମ୍ପରା ରହିଛି। କୁହାଯାଏ ଏହି ପାଞ୍ଚଦିନ ବଗ ମଧ୍ୟ ଆମିଷ ଖାଆନ୍ତିନାହିଁ। ଏହି କାରଣରୁ ଏହାକୁ ବଗ ପଞ୍ଚକ ମଧ୍ୟ କୁହାଯାଏ। ପଞ୍ଚୁକ ଅବସରରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଞ୍ଚଟି ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୁଏ। ଯଥା- ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ, ଲକ୍ଷ୍ମୀନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବା ସୁନାବେଶ। ଏହି ବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ହୋଇଥାଏ। ପଞ୍ଚୁକର ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ। ଲୋକମାନେ ନଦୀ ଓ ପୋଖରୀରେ ଡଙ୍ଗା ଭସାଇ ସାଧବ ପୁଅଙ୍କ ସାମୁଦ୍ରିକ ଯାତ୍ରାର ସ୍ମୃତିକୁ ମନେ ପକାନ୍ତି। ଏହିପରି ଭାବେ ପଞ୍ଚୁକ ଓଡ଼ିଶାର ଧାର୍ମିକ ଆସ୍ଥା, ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ।

ଆସ୍ଥାର ସେହି ସ୍ପର୍ଶ..

କୁହାଯାଏ ଯେ ବିଶ୍ୱାସ ଦେଖାଯାଇ ନଥାଏ,କେବଳ ଅନୁଭବ ହୋଇଥାଏ। ଆସ୍ଥାର ମଧ୍ୟ ଏହି ସ୍ୱଭାବ ଅଟେ । ସେ ତର୍କର ଦ୍ୱାର ଉପରେ ଠିଆ ହୋଇକରି ସ୍ୱୟଂକୁ ସିଦ୍ଧ କରେ ନାହିଁ,ଆଉ ହୃଦୟରେ ଉତ୍ତରିକରି ନିଜର ଅସ୍ତିତ୍ୱ ଜାଗ୍ରତ କରିଦେଇ ଥାଏ। ସେଥିପାଇଁ କାହାର ଆସ୍ଥା ଉପରେ ପ୍ରଶ୍ନ ଉଠେଇବା ପୂର୍ବରୁ ଏହା ସ୍ମରଣ ରଖିବା ଦରକାର କି ପ୍ରତ୍ୟେକ ବିଶ୍ୱାସର ପଛରେ ଅନୁଭବର ଗୋଟିଏ ପୁରା ଜୀବନ ଲୁଚି ରହିଛି ।

ଭାରତର ସବୁଠୁ ସୁନ୍ଦର ପରିଚୟ ଏହାର ବିବିଧତା ଅଟେ । ଏଠାରେ ପୂଜର ବିଧି ସବୁ ଅଲଗା ଅଟେ,ପ୍ରାର୍ଥନାର ଭାଷା ମଧ୍ୟ ଅଲଗା ଅଟେ,ଇଶ୍ୱରଙ୍କର ଡାକର ନାମ ମଧ୍ୟ ଅଲଗା ଅଟେ । ତଥାପି ସମସ୍ତଙ୍କର ଉଦ୍ଦେଶ୍ୟ ଗୋଟିଏ ଅଟେ,ମନକୁ ଶାନ୍ତି ମିଳୁ, ଜୀବନକୁ ସମ୍ବଳ ମିଳୁ ଆଉ ମାନବତା ବଜାୟ ରହୁ । ସେଥିପାଇଁ କାହାର ଆସ୍ଥା କିମ୍ବା ଧର୍ମ ଉପରେ କଟାକ୍ଷ କରିବା ନା' କେବଳ ଅନୁଚିତ ଅଟେ,ଆଉ ଆମର ସାଂସ୍କୃତିକ ଚେତନାର ମଧ୍ୟ ବିପରୀତ ଅଟେ । ମୋତେ ନିଜର ପିଲାଦିନର କଥା ଆଜିବି ବହୁତ ସ୍ପଷ୍ଟ ମନେ ଅଛି । ଯେତେବେଳେ ମୁଁ ଅସୁସ୍ଥ ହେଇ ପଡୁଥିଲି,କେବେ ଜ୍ୱରରେ ତ କେବେ ଅଣ୍ଟା-କାଶରେ । ସବୁ ଔଷଧର ପୂର୍ବରୁ ଗୋଟିଏ ଦୃଶ୍ୟ ଅବଶ୍ୟ ଦୋହରା ଯାଇଥାଏ । ମୋର ବାପା ମୋ ପାଖରେ ବସିଥାନ୍ତି,ତାଙ୍କ ଚେହେରାରେ ନା' ଭୟ ଥାଏ ନା' ଅକାପଣ । ସେ ଧୀରେ ନିଜର ଆଖି ବନ୍ଦ କରିଦିଅନ୍ତି,ମୋ ମଥା ଉପରେ ହାତ ରଖିକରି ଅତ୍ୟନ୍ତ ଶାନ୍ତ ସ୍ୱରରେ ଗାୟତ୍ରୀ ମନ୍ତ୍ର ଜପ କରିଥାନ୍ତି,'ଓଁ ଭୂର୍ଭୁବଃ ସ୍ୱଃ ତତ୍ସ ବିତୁର୍ବରେଣ୍ୟଂ । ଭର୍ଗୋ ଦେବସ୍ୟ ଧୀମହୀ,ଧୀୟୋ ୟୋ ନଃ ପ୍ରଚଦୟାତ୍' ॥ ସେହି କ୍ଷଣରେ ମୁଁ ଏହି ମନ୍ତ୍ରର ଅର୍ଥ ଜାଣି ନଥାଏ କିନ୍ତୁ ଏହାର ପ୍ରଭାବରେ ପୂରା ମନରେ ଅନୁଭବ କରୁଥିଲି । ଏମିତି ଲାଗୁଥିଲା କି ଯେମିତି ବାପାଙ୍କ ହାତର ସ୍ପର୍ଶର ସହିତ ମୋର ଦେହର ସବୁ ଉତ୍ତାପ,ସବୁ ପୀଡା ଆଉ ବ୍ୟାକୁଳତା ଧୀରେ-ଧୀରେ ମୋ ଠାରୁ ଦୂରେଇ ଚାଲି ଯାଉଥିଲେ । ଲାଗୁଥିଲା କି ଯେମିତି କିଏ ଆଶ୍ୱସ୍ତ କରିଦେଇଛି,'ସବୁ ଠିକ୍ ହେଇଯିବ' । ଆଜି ମୁଁ ଭାବୁଛି ଆଉ ତାହା ସ୍ପଷ୍ଟ ରୂପରେ ବୁଝା ପଡୁଛି କି ତାହା କେବଳ ମନ୍ତ୍ର ନଥିଲା,ସେହି ମନ୍ତ୍ର ଉପରେ ପିତାର ବିଶ୍ୱାସ ଥିଲା, ତାଙ୍କର ଶ୍ରମ ଥିଲା,ତାଙ୍କର ଆଶୀର୍ବାଦ ଥିଲା,ଯାହା ମୋର ମନରେ ସାହସ ଭରି ଦେଇଥିଲା । ବିଜ୍ଞାନ ନିଜ ସ୍ଥାନ ଉପରେ ଅଛି,ଚିକିତ୍ସା ନିଜର ସ୍ଥାନରେ ଆଉ ଆସ୍ଥା ମନିଜର ସ୍ଥାନରେ ଥାଏ । ପରସ୍ପରର ବିରୋଧ ନକରି ମଧ୍ୟ ଏମାନେ ସାଙ୍ଗରେ ଚାଲି ପାରିବେ । ସେଥିପାଇଁ ଯେତେବେଳେ କିଏ କାହାର ଶ୍ରଦ୍ଧାର ଉପହାସ କରିଥାଏ,ଆଉ ଲାଗିଥାଏ କି ଯେମିତି ତାହା କେବଳ ବିଚାର ନୁହେଁ,ଆଉ ତାହା କାହାର ସବୁଠୁ କୋମଳ ସ୍ମୃତିକୁ ମଧ୍ୟ ଅନାଦାର କରୁଛି । ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି କିଛି କ୍ଷଣ ହୋଇଥାଏ ଯାହା ତର୍କରୁ ନୁହେଁ,ବିଶ୍ୱାସରେ ଜଡିତ ଥାଏ । ଏହା ଉପରେ ନିର୍ଣ୍ଣୟ ଶୁଣେଇବାର ଅଧିକାର କାହା ପାଖରେ ନଥାଏ । ମୋର ଆସ୍ଥା ମୋର ଅଟେ,ଆପଣଙ୍କର ଆସ୍ଥା ଆପଣଙ୍କର ଅଟେ । ଆମକୁ ପରସ୍ପରକୁ ବଦଳାଇବାର ନୁହେଁ,ପରସ୍ପରକୁ ସମ୍ମାନ କରିବାର ଆବଶ୍ୟକ ଅଛି । କାହିଁକି ଧର୍ମନିରପେକ୍ଷତାର ଅର୍ଥ ନିଜର ଧର୍ମକୁ ଛାଡିବା ନୁହେଁ,ଆଉ ଅନ୍ୟର ଧର୍ମ ଆଉ ବିଶ୍ୱାସକୁ ମଧ୍ୟ ସେହି ସମ୍ମାନରେ ସ୍ୱୀକାର କରିବା ଅଛି । ଯାହାର ଅପେକ୍ଷା ଆମେ ନିଜ ପାଇଁ କରିଥାଉ । କାହାର ଶ୍ରଦ୍ଧାକୁ ଆଘାତ ପହଞ୍ଚେଇ କେହି ବଡ ଲୋକ ହେଇ ପାରିବେନି । ବଡ ସେହିଁ ହୋଇଥାଏ,ଯିଏ ମତଭେଦରେ ମଧ୍ୟ ସମ୍ମାନ ରକ୍ଷା କରିଥାଏ । ଶେଷରେ ଆସ୍ଥାର ବାସ୍ତବିକ ଅର୍ଥ ହେଲା କି ମନରେ ବିଶ୍ୱାସ ହେଉ,ବ୍ୟବହାରରେ ବିନମ୍ରତା ଆଉ ସମସ୍ତଙ୍କ ପାଇଁ ଆଦର ହେଉ । "ଆସ୍ଥାର ସମ୍ମାନ କରିବା କୌଣସି ଧର୍ମର ନୁହେଁ,ତାହା ମାନବତାର ସବୁଠୁ ସୁନ ସଂସ୍କାର ଅଟେ " ॥

ତୁଳସୀ ପୂଜନର କଥା ଓ ଗାଥା



'କାର୍ତ୍ତିକ ମାହାତ୍ମ୍ୟ'ରେ ଅଛି ଜଳନ୍ଧର ଦୈତ୍ୟର ବୃତ୍ତାନ୍ତ । ପୃଥୁ ରାଜାଙ୍କ ପ୍ରଶ୍ନରେ ଦେବର୍ଷି ନାରଦ ତାଙ୍କୁ ଏହି କାହାଣୀ କହିଛନ୍ତି । ପୃଥୁ ପ୍ରଶ୍ନ କରିଛନ୍ତି, କାହିଁକି ଏହି ମାସରେ ତୁଳସୀ ମୂଳରେ ଦୀପଦାନ ପରମ ପୁଣ୍ୟପ୍ରଦ ? ତୁଳସୀ ସେବନରେ କାହିଁକି ପୁଣ୍ୟ ହୁଏ ? ତୁଳସୀ କିପରି ଏପରି ପବିତ୍ର ବୃକ୍ଷ ହେଲା ? ତାହାର ଉତ୍ତରରେ ନାରଦ ଯେଉଁ କାହାଣୀ କହିଛନ୍ତି, ତାହା ଅତ୍ୟନ୍ତ ରୋଚକ । ସେହି କାହାଣୀ ଅନୁସାରେ, ଦେବଦେବ ମହାଦେବଙ୍କ ଶରୀରର ତାପରୁ ଯେଉଁ ଅଗ୍ନି ଜାତ ହୋଇଥିଲା, ତାହାକୁ ସେ ଗଙ୍ଗା ଓ ସାଗରର ସଂଗମରେ ନିକ୍ଷେପ କରିଥିଲେ । ସେଥିରୁ ଏକ ପୁତ୍ର ଜାତ ହୋଇଥିଲା । ସେ ଜନ୍ମରୁ ରୋଦନ କରୁଥିଲା । ସାଗରରାଜ ବରୁଣ ତାହାକୁ ନିଜର ପୁତ୍ର ରୂପେ ପାଳିଲେ ଏବଂ ତାହାର ରୋଦନ ବନ୍ଦ କରିବା ପାଇଁ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ତାହାକୁ ଆଶୀର୍ବାଦ କରି କହିଲେ, ରୋଦନ ବନ୍ଦ କର । ତୁମେ ସଂସାରରେ ମହାରାଜା ହେବ । ନିଜ ଇଚ୍ଛାରେ ମହୀ ଭୋଗ କରିବ । ଜଳରୁ ଜାତ ହୋଇଥିବାରୁ ତୁମର ନାଆଁ ହେଲା ଜଳନ୍ଧର । ବଡ଼ ହୋଇ ଜଳନ୍ଧର ମହାପ୍ରତାପୀ ହେଲା । ମହାଦେବଙ୍କ ତେଜରୁ ଜାତ ହୋଇଥିବାରୁ ଏବଂ ବ୍ରହ୍ମାଙ୍କ ବରରୁ ସେ ଅବଧ୍ୟ ହେଲା । ସେ ବିବାହ କରିଥିଲା ବୃନ୍ଦାବତୀଙ୍କୁ । ବୃନ୍ଦାବତୀ ତାଙ୍କର ସତୀବ୍ରତ ଯୋଗୁଁ ବର ପାଇଥିଲେ ଯେ ତାଙ୍କର ସତୀତ୍ୱ ଅକ୍ଷୁଣ୍ଣ ଥିବା ପର୍ଯ୍ୟନ୍ତ ଜଳନ୍ଧରର ବିନାଶ ହେବ ନାହିଁ । ତେଣୁ ଭଗବାନ ବିଷ୍ଣୁ ମାୟାରେ ଜଳନ୍ଧରର ରୂପ ଧରି ଯାଇ ବୃନ୍ଦାବତୀଙ୍କ ସତୀତ୍ୱ ହରଣ କଲେ । ତାହା ଜାଣି ବୃନ୍ଦାବତୀ ବିଷ୍ଣୁଙ୍କୁ ଅଭିଶାପ ଦେଲେ । କହିଲେ- ମୋର ହତ୍ୟାଦୋଷ ତୁମ୍ଭଙ୍କୁ ଲାଗୁ । ଏହା କହି ସେ ଅନଳରେ ଝାସ ଦେଲେ । ବିଷ୍ଣୁଙ୍କର କୌଣସି ବାରଣ ମାନିଲେ ନାହିଁ । ବୃନ୍ଦାବତୀ ଆତ୍ମବିସର୍ଜନ କରିବା ଘଟଣାରେ ବିଷ୍ଣୁ ହତବାକ୍ ହୋଇଗଲେ । ବୃନ୍ଦାବତୀଙ୍କର ଚିତାଭସ୍ମକୁ ଦେହରେ ବୋଳି ଚିନ୍ତିତ ହୋଇ ବସିରହିଲେ । ଅଚଳ ମହାଗିରି ପରି ସେ ସ୍ଥାଣୁ ପାଲଟିଗଲେ । ତେଣେ ଯୁଦ୍ଧରେ ଜଳନ୍ଧର ନିହତ ହେଲା । ତା'ର ଜ୍ୟୋତି ଯାଇ ଶିବଙ୍କ ଜ୍ୟୋତି ସହ ମିଶିଗଲା । କିନ୍ତୁ ଦେବଗଣ ବିଷ୍ଣୁଙ୍କର ସ୍ଥାଣୁ ରୂପ ଯୋଗୁଁ ଚିନ୍ତିତ ହେଲେ । ତାହାର ନିରାକରଣର ଉପାୟ ମହାଦେବଙ୍କୁ ପଚାରିବାରୁ, ସେ କହିଲେ, ଯୋଗମାୟାଙ୍କୁ ସ୍ତୁତି କର । ଦେବତାମାନେ ସ୍ତୁତି କରିବାରୁ ଯୋଗମାୟା ପ୍ରସନ୍ନ ହେଲେ ଏବଂ ତିନି ନାରୀମୂର୍ତ୍ତି ରୂପେ ଉଭା ହେଲେ । ସେହି ତ୍ରିମୂର୍ତ୍ତି ଦେବଗଣଙ୍କୁ ତିନିମୁଠି ବୀଜ ଦେଲେ । ସେହି ତିନିମୁଠି ବୀଜରୁ ତିନି ବୃକ୍ଷ ଜାତ ହେଲେ । ସତ୍ତ୍ୱଗୁଣରେ ଗୌରୀଙ୍କ ଅଂଶରେ ତୁଳସୀ, ରଜଗୁଣରେ ସରସ୍ୱତୀଙ୍କ ଅଂଶରେ ଧାତ୍ରୀ (ଅଁଳା) ଓ ତମୋଗୁଣରେ ଲକ୍ଷ୍ମୀଙ୍କ ଅଂଶରେ ମାଳତୀ । ସେହି କାରଣରୁ ତୁଳସୀ, ଅଁଳା ଓ ମାଳତୀ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ । ଏଥିମଧ୍ୟରୁ ପବିତ୍ର ତୁଳସୀ ବୃକ୍ଷର ପବନ ବାଜିବାରୁ ବିଷ୍ଣୁ ସ୍ଥାଣୁତ୍ୱରୁ ମୁକ୍ତ ହୋଇଥିଲେ । ଏଥିପାଇଁ ମଧ୍ୟ କାର୍ତ୍ତିକ ମାସରେ ତୁଳସୀ ଓ ଅଁଳା ବୃକ୍ଷ ପୂଜନର ବିଧି ଅଛି । ତୁଳସୀ ମୂଳରେ ଦୀପଦାନ ପରମ ପୁଣ୍ୟପ୍ରଦ ରୂପେ ବିବେଚିତ ହେଉଛି ।



ବେଲଗୁଣ୍ଠା ଏନଏସିରେ ବନ୍ୟା ସହାୟତା ବଣ୍ଟନ

ବେଲଗୁଣ୍ଠା,(ନିପ୍ର): ବେଲଗୁଣ୍ଠା ଏନଏସି ଅନ୍ତର୍ଗତ ସମସ୍ତ ୧୩ଟି ୱାର୍ଡର ରାସନ କାର୍ଡଧାରୀ ପରିବାରବର୍ଗଙ୍କ ପାଇଁ



ବାତ୍ୟା ଅର୍ଣ୍ଣବ ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ପ୍ରଭାବିତଙ୍କ ପାଇଁ ରିଲିଫ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟେକ ରାସନ କାର୍ଡଧାରୀ ପରିବାରକୁ ୫୦ କିଲୋଗ୍ରାମ ଚାଉଳ ଏବଂ ୨୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଶାସନିକସ୍ତରରେ ଏବଂ ସ୍ଥାନୀୟ ନେତୃତ୍ୱ ପକ୍ଷରୁ ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ। ବିଧାୟକଙ୍କ ପ୍ରତିନିଧି ତଥା ଯୁବ ସଂଗଠକ ଜିତେନ୍ଦ୍ର କୁମାର ନାଏକ, ଏନଏସି ଅଧ୍ୟକ୍ଷ ଫିରୋଜ କୁମାର ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରା ଏବଂ ଯୋଗାଣ ନିରୀକ୍ଷକ ସମ୍ବିତ୍ ପ୍ରସାଦ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିସହିତ ବିଭିନ୍ନ ୱାର୍ଡର କାଉନସିଲରମାନେ, ସ୍ଥାନୀୟ ସଂଗଠକ ତଥା ବହୁ ସଂଖ୍ୟାରେ ସ୍ଥାନୀୟ ପୁରୁଷ ଓ ମହିଳା ହିତାଧିକାରୀମାନେ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ସହାୟତା ଗ୍ରହଣ କରିଥିଲେ।

ସଫ୍ଟବଲ୍ ଓ ବେସବଲ୍ ପ୍ରତିଯୋଗିତାରେ ରାୟଗଡ଼ାର ଖେଳାଳି

ରାୟଗଡ଼ା,(ନିପ୍ର) : ବାଲେଶ୍ୱରଠାରେ ଚଳିତ ମାସ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ସଫ୍ଟବଲ୍ ଓ ବେସବଲ୍ ପ୍ରତିଯୋଗିତାରେ ଭାଗନେବେ ରାୟଗଡ଼ା ଜିଲ୍ଲାର ଖେଳାଳି। ଏଥିପାଇଁ ଜିଲ୍ଲାର ୧୬ ଜଣିଆ ବାଳକ ଓ ୧୬ ଜଣିଆ ବାଳିକା ଦଳ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଦଳ ସହ କୋଚ୍ ଭାବେ ରାଜେଶ ବାରିକ, ସ୍ୱାଧୀନ କୁମାର ଦାସ, ଉମାକାନ୍ତ ଶବର ଓ ପାୟେଲ ମାଝି ଯାତ୍ରା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ରାୟଗଡ଼ା ଜିଲ୍ଲା ଉଭୟ ବାଳକ ଓ ବାଳିକା ବିଭାଗରେ ସଫ୍ଟବଲ୍ ଓ ବେସବଲ୍‌ରେ ରନର୍ସଅପ୍ ହୋଇଥିଲା। ଚଳିତ ବର୍ଷ ଦଳରେ ଜାତୀୟସ୍ତରରେ ଖେଳିଥିବା ଅନେକ ଖେଳାଳି ସାମିଲ ଥିବାରୁ ଉନ୍ନତ ପ୍ରଦର୍ଶନ ସହ ଜିଲ୍ଲା ପାଇଁ ଗୌରବ ଆଣିବେ ବୋଲି କୋଚ୍‌ମାନେ ଆଶା ପ୍ରକାଶ କରିଛନ୍ତି।

ଆଠଗଡ ବିକାଶ ପରିଷଦ ପକ୍ଷରୁ ପୂଜା ମିଳନ ଉତ୍ସବ

ତିଗିରିଆ (ନିପ୍ର) : ଆଠଗଡ ଉପଖଣ୍ଡର ପ୍ରମୁଖ ସାମାଜିକ ଅନୁଷ୍ଠାନ ଆଠଗଡ ବିକାଶ ପରିଷଦ ପକ୍ଷରୁ ତିଗିରିଆ ବ୍ଲକର ପ୍ରସିଦ୍ଧ କାଳୀପୂଜା ପରିପ୍ରେକ୍ଷୀରେ ଏକ ପୂଜା ମିଳନ ଉତ୍ସବ ନିଜିଗଡ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଜିଲ୍ଲା ଗ୍ରାମାଞ୍ଚଳ ବିଜେପିର ସଭାପତି ରାମ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱ ଓ ଆଇନଜୀବୀ ବିକ୍ରମ କେଶରୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ସୁବାସ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ଡକ୍ଟର ନାରାୟଣ ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତିଗିରିଆ ସମ୍ବାଦ ଘର ଓ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ ,ଶିକ୍ଷାବିତ ସୁବୋଧ ପଟ୍ଟନାୟକ, ତିଗିରିଆ କାଳୀପୂଜା ଶାନ୍ତି କମିଟିର ସଭାପତି ପ୍ରଣବ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ସମସ୍ତ ଅତିଥି ସାହିତ୍ୟ ଓ କଳା କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ତଥା ଯୁବପିଢ଼ିଙ୍କ ନିମନ୍ତେ ପ୍ରେରଣା ସାଜିବାରେ ଆଠଗଡ ବିକାଶ ପରିଷଦ କେବେ ପଛଘୁଞ୍ଚା ଦେଇନଥିବା ପ୍ରକାଶ କରିଥିଲେ।

ଜିଲ୍ଲାସ୍ତରୀୟ 'କୋଟିଏ ହସ' କାର୍ଯ୍ୟକ୍ରମ-୨୦୨୬

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଗ୍ରାମୀଣ ପ୍ରକଳ୍ପ ଅନ୍ତର୍ଗତ ଅଟାଙ୍ଗଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ 'କୋଟିଏ ହସ' କାର୍ଯ୍ୟକ୍ରମ-୨୦୨୬ ଆୟୋଜିତ ହୋଇଯାଇଛି। ଏହି ବର୍ଷର ମୁଖ୍ୟ ବାର୍ତ୍ତା "ଆମ ପିଲା, ଆମ ଖୁସି, ଆମ ଯତ୍ନ" ରହିଥିଲା। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମୁଜିବୁନ୍ ନିଶା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଦୁଆରସୁନି ଗ୍ରାମ ପଞ୍ଚାୟତର ସରପଞ୍ଚ କୈଳାଶ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ କଲ୍ୟାଣ ସମିତିର ସଦସ୍ୟ ବିଶ୍ୱନାଥ ଦାସ ମଧ୍ୟ ଯୋଗଦେଇଥିଲେ। ସେ 'କୋଟିଏ ହସ' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଶିଶୁମାନଙ୍କ ସୁରକ୍ଷା, ଯତ୍ନ, ପୋଷଣ, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶ ପାଇଁ ପରିବାର ତଥା ସମାଜର ସକ୍ରିୟ ସହଯୋଗ ଓ ଭାଗୀଦାରିର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ।

କୋଲାବିରା ସିଏଚ୍‌ସିରେ ଡାକ୍ତର ନିଯୁକ୍ତି ଦାବି



ଝାରସୁଗୁଡା,(ନିପ୍ର): କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, ଏଲ୍.ଟି.ଆରଏମ୍.ଓ. ଡାକ୍ତର ଓ ସହଯୋଗୀ କର୍ମଚାରୀଙ୍କ ପଦ ପୂରଣ ଦାବିରେ ଆଞ୍ଚଳିକ ବିକାଶ ପରିଷଦ ସଂଗଠନ ପକ୍ଷରୁ ଆସନ୍ତା ୨୦ରୁ ୨୭ ପର୍ଯ୍ୟନ୍ତ ୮ ଦିନିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ। ଏହି ଗଣଧାରଣାର ସଫଳ ଆୟୋଜନ ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ ସଂଗଠନର ସଭାପତି ଜିତେନ୍ଦ୍ରୀୟ ଧୁରୁଆଙ୍କ ସଭାପତିତ୍ୱରେ କୋଲାବିରା ବଜାର ପ୍ରାଙ୍ଗଣରେ ସଂଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କୋଲାବିରା ସିଏନ୍‌ସିରେ ଶଲ୍ୟଚିକିତ୍ସା, ମେଡିସିନ୍, ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁରୋଗ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ସମେତ ଏଲ୍.ଟି.ଆରଏମ୍.ଓ. ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀଙ୍କ ଅନେକ ପଦ ଖାଲିପଡ଼ିଛି । ଫଳରେ କୋଲାବିରା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଆବଶ୍ୟକ ସ୍ୱାସ୍ଥ୍ୟସେବା ପାଇବାରେ ଅସୁବିଧା ଭୋଗୁଛନ୍ତି। ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ରେଫର୍ କରିବାକୁ ପଡ଼ିଥିବାରୁ ସାଧାରଣ ଲୋକେ ଆର୍ଥିକ ଓ ମାନସିକ ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି। ବୈଠକରେ ଆଗାମୀ ଗଣଧାରଣାର ରୂପରେଖ, ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗଣଧାରଣା ପ୍ରତିଦିନ ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋଲାବିରା ସିଏଚ୍‌ସି ସମ୍ମୁଖରେ ଚାଲିବ। ଏଥିସହିତ ଗଣଧାରଣା ସମ୍ପର୍କରେ ସଂଗଠନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ଅଞ୍ଚଳବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ନିମନ୍ତେ ଖାଲି ପଡ଼ିଥିବା ସମସ୍ତ ଡାକ୍ତର, ବିଶେଷଜ୍ଞ ଓ ସହଯୋଗୀ କର୍ମଚାରୀ ପଦ ତୁରନ୍ତ ପୂରଣ କରିବାକୁ ସଂଗଠନ ଦାବି କରିବା ସହ ସହଯୋଗ କାମନା କରିଛି। ବୈଠକରେ ପରିଷଦର ସମ୍ପାଦକ ପ୍ରଶାନ୍ତ ମହାନନ୍ଦିଆ, କୋଷାଧ୍ୟକ୍ଷ ସୁଖ କିସାନ, ଗଜେନ୍ଦ୍ର କୁଆ, ରୁକ୍ମଣ ମରାଇ, ମନୋଜ ସେଠ, ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ବରିଷ୍ଠ ଆଦିବାସୀ ନେତା ପ୍ରେମସାଗର ଧୁରୁଆ, ପ୍ରଭାକର ଓରାମ, ପ୍ରଦୀପ ସାହୁ ଓ ରାଜେଶ ନେଟି ପ୍ରମୁଖ ଉପସ୍ଥିତ ଥିଲେ।

ବେଦାନ୍ତ ଆଲୁମିନିୟମ ପକ୍ଷରୁ ପଶୁପାଳନ ପରିଚାଳନା ସମ୍ପର୍କିତ ପରାମର୍ଶ

ଝାରସୁଗୁଡ଼ା,(ନିପ୍ର): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ବେହେରାପାଲି, ପଣ୍ଡରିପଥର, କୁରେବଗା ଓ କଟିକେଲା ଗ୍ରାମରେ ପର୍ଯ୍ୟାୟକ୍ରମେ ପଶୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଶିବିର ମାଧ୍ୟମରେ ପ୍ରାୟ ୪୦୦ଟି ଗୃହପାଳିତ ପଶୁଙ୍କୁ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବାବେଳେ ୫୦ରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ଗ୍ରାମାଞ୍ଚଳର ପରିବାରଗୁଡ଼ିକର ଜୀବିକାର ଏକ ପ୍ରମୁଖ ଆଧାର ହୋଇଥିବା ପଶୁସମ୍ପଦର ସୁରକ୍ଷା ଏବଂ ସମୟୋପଯୋଗୀ ଚିକିତ୍ସା ସେବା ଉପଲବ୍ଧ କରାଇବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।ପଶୁପାଳକମାନଙ୍କ ନିକଟରେ ଆବଶ୍ୟକ ପ୍ରାଣୀ ଚିକିତ୍ସା ସେବା ପହଞ୍ଚାଇବା ସହ ପଶୁମାନଙ୍କ ସ୍ୱାସ୍ଥ୍ୟ, ଉତ୍ପାଦନ କ୍ଷମତା ଓ ଗ୍ରାମୀଣ ଜୀବିକାର ଉନ୍ନତି ଉପରେ ଏହି ଶିବିରଗୁଡ଼ିକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ସାଧାରଣ ଶ୍ୱାସଜନିତ ରୋଗ ସମେତ ବିଭିନ୍ନ ପଶୁ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା କରାଯିବା ସହ ଆବଶ୍ୟକ ଔଷଧ, ଇଞ୍ଜେକ୍ସନ, ଖଣିଜ ମିଶ୍ରଣ ଓ କୃମିନାଶକ ସେବା ଯୋଗାଇ ଦିଆଯାଇଥିଲା। ଏଥିସହ ପଶୁମାନଙ୍କୁ ସନ୍ତୁଳିତ ଖାଦ୍ୟ, ଖଣିଜ ପଦାର୍ଥର ଆବଶ୍ୟକତା ଏବଂ ରୋଗ ପ୍ରତିରୋଧକ ଯତ୍ନ ସମ୍ପର୍କରେ ଚାଷୀମାନଙ୍କୁ ବ୍ୟାବହାରିକ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା।ଶିବିରରେ ଝାରସୁଗୁଡ଼ାର ଉପନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ଓ ପଶୁପାଳନ ବିଭାଗ (ଡିଡିଭିଏଚ୍) ଡାକ୍ତର ସୁଧାଂଶୁ ଶେଖରଙ୍କ ସମେତ ସରକାରୀ ପଶୁଧନ ନିରୀକ୍ଷକ, କୃତ୍ରିମ ପ୍ରଜନନ ବୈଷୟିକ କର୍ମଚାରୀ ଏବଂ ଭାରତୀୟ କୃଷି ଶିକ୍ଷ ପ୍ରତିଷ୍ଠାନ (ବାଇଫ୍)ର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ପ୍ରାଣୀ ଚିକିତ୍ସା ଦଳ ପଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ ଏବଂ ପଶୁମାନଙ୍କ ସୁସ୍ଥତା ଓ ଉତ୍ପାଦନ ବୃଦ୍ଧି ପାଇଁ ବୈଜ୍ଞାନିକ ପଦ୍ଧତିରେ ପଶୁପାଳନ ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ର କହିଛନ୍ତି, "ଗ୍ରାମାଞ୍ଚଳର ଅନେକ ପରିବାର ପାଇଁ ପଶୁସମ୍ପଦ ଆୟ ଓ ଆର୍ଥିକ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପଶୁମାନଙ୍କର ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସେମାନଙ୍କ ଉତ୍ପାଦନ କ୍ଷମତାକୁ ପ୍ରଭାବିତ କରିବା ସହ ପରିବାର ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇଥାଏ। ତେଣୁ ପଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଅର୍ଥ ଗ୍ରାମୀଣ ଜୀବିକା ଓ କୃଷକ ପରିବାରର ମଙ୍ଗଳକୁ ସୁଦୃଢ଼ କରିବା। ଗ୍ରାମୀଣ ସମୁଦାୟରେ କୃଷି ଓ ଏହାର ସହଯୋଗୀ ଜୀବିକାକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମର ନିରନ୍ତର ପ୍ରୟାସର ଏକ ଅଂଶ ହେଉଛି ଏହି କାର୍ଯ୍ୟକ୍ରମ। କମ୍ପାନୀର 'ପ୍ରକଳ୍ପ ବେଦଗ୍ରାମ' ଅଧୀନରେ କୃଷି ବିକାଶ ଓ ପଶୁପାଳନ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ୧,୦୦୦ରୁ ଅଧିକ ଚାଷୀ ଓ ଗ୍ରାମୀଣ ପରିବାର ଉପକୃତ ହୋଇଛନ୍ତି। ଏଥିରେ ସ୍ଥାୟୀ କୃଷି, ପଶୁସମ୍ପଦର ବିକାଶ, ଜଳ ସଂରକ୍ଷଣ ଏବଂ ଜୀବିକାର ବିବିଧୀକରଣ ଭଳି କାର୍ଯ୍ୟକ୍ରମ ସାମିଲ ରହିଛି।ଏହା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ମହିଳା ସଶକ୍ତୀକରଣ, ଦକ୍ଷତା ବିକାଶ ଓ ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି ଭଳି ବିଭିନ୍ନ ସାମାଜିକ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀ ବାର୍ଷିକ ୧୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛି।

'ସୁସ୍ଥ ଗଣତନ୍ତ୍ର ଗଠନରେ ସାମ୍ବାଦିକଙ୍କ ଭୂମିକା ଅତୁଳନୀୟ'

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ସ୍ଥିତ ଗ୍ରାମୀଣ ଆମ୍ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କରୁଛନ୍ତି। ଜିଲ୍ଲାର ଦୁର୍ଗମ ଓ ଅପହଞ୍ଚ ଗ୍ରାମାଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଖବର ସଂଗ୍ରହ କରି ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି। ସେହିପରି ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ମଧ୍ୟ ଖରା, ବର୍ଷା ଓ ଶୀତକୁ ଖାତିର ନକରି ଖବର ସଂଗ୍ରହ କରୁଛନ୍ତି। ଏହା ସହିତ ଜନସାଧାରଣଙ୍କ ନିକଟରେ ଜରୁରୀ ସୂଚନା ଓ ସଚେତନତାର ବାର୍ତ୍ତା ପହଞ୍ଚାଉଛନ୍ତି। ଏ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଏହି ଉପଲକ୍ଷେ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧତା' ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ଭାବରେ ବରିଷ୍ଠ ସାମ୍ବାଦିକ ଗରୁଡ଼ଧ୍ୱଜ ଚୌଧୁରୀ, ବସନ୍ତ କୁମାର ପଣ୍ଡା, ପ୍ରଣଜ କୁମାର ପଟ୍ଟାୟକ ଯୋଗ ଦେଇଥିଲେ।



ମାଲକାନଗିରି : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ଏବଂ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଯୁବ ଅଧିକାରୀ ହନିତ୍ କୁମାର ମଞ୍ଜାସୀନ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଧାନ ଗଣମାଧ୍ୟମର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଏକ ସୁଦୃଢ଼ ସେତୁ ଭଳି କାର୍ଯ୍ୟ କରେ। ସମାଜର ପ୍ରଗତି ପାଇଁ ଆମ ସମସ୍ତଙ୍କ ମଧ୍ୟରେ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ରହିବା ଅତ୍ୟନ୍ତ ଜରୁରୀ, କାରଣ ନିରପେକ୍ଷ ଓ ସତ୍ୟନିଷ୍ଠ ସମ୍ବାଦ ହିଁ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନର ମୂଳଦୁଆ । ସେହିପରି ମୁଖ୍ୟ ବକ୍ତା ଜିଲ୍ଲା ଯୁବ ଅଧିକାରୀ ଶ୍ରୀ କୁମାର ଭାରତୀୟ ସାମ୍ବାଦିକତାର ଗୌରବମୟ ଇତିହାସକୁ ସ୍ମରଣ କରି ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଯୋଗ୍ୟ ଉତ୍ତରାଧିକାରୀ ଭାବେ ଅଭିହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ ଜାତୀୟ ପ୍ରେସ ଦିବସ ଗଣମାଧ୍ୟମର ସ୍ୱାଧୀନତା ଏବଂ ସମାଜ ପ୍ରତି ଦାୟିତ୍ୱବୋଧର ପ୍ରତୀକ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରତ୍ନାକର ଦାଶ, ଦୁର୍ଯ୍ୟୋଧନ ପାତ୍ର, ଦେବ ପ୍ରସାଦ ଦାସ, ପ୍ରେମେନ୍ଦ୍ର ପରିଚ୍ଛା, ଦେବବ୍ରତ ସାନା, ଅଶୋକ ମିଶ୍ର, ସନ୍ତୋଷ ନାଗ, ଶିବୁ ପ୍ରସାଦ କିର୍ତ୍ତନିଆ, ଭଗବାନ ସାହୁ, ଏ ଈଶ୍ୱର ରାଓ, ସୁଶାନ୍ତ ସାମଲ ଓ ବଳରାମ ଭଞ୍ଜ ନିଜର ବକ୍ତବ୍ୟ ରଖିଥିଲେ।

ଉଦ୍‌ଯାପିତ ହେଲା ମହାବୀର ମହୋତ୍ସବ



ଭବାନୀପାଟଣା, (ନି.ପ୍ର): ସପ୍ତାହ ବ୍ୟାପି ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ମହୋତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂହ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରାଧାପିକା ଡ. ନିବେଦିତା ନାଥ, ସଂ

ତିଥି :(ଅଷ୍ଟମୀ): (ଧନିଷ୍ଠା ମକର)
ଅମୃତ ବେଳା: ଦିବା ଘ ୬।୪୭ ମଧ୍ୟେ ଘ୭।୨୫ ଗତେ

ଆଜିର ଅନୁଚିନ୍ତନ

ସଂସାର-ବୃକ୍ଷକୁ ଯେ ଜାଣେ, ସେ ସମସ୍ତ ବେଦର ଜ୍ଞାତା।
- ଶ୍ରୀମଦ୍ ଭଗବଦ୍ ଗୀତା

କୈଶୋରରେ ଡାଇବେଟିସ !

ଛୋଟ ପିଲା ଓ କିଶୋରକିଶୋରୀଙ୍କ ଖେଳକୁଦ, ହସଖୁସି, ଘରବାହାରେ ଦିନେ ଖୁବ୍ ସକ୍ରିୟ ରହିଥିଲା। ମନେ ହେଉଛି ପ୍ରଯୁକ୍ତିର ପ୍ରଭାବ ଯୋଗୁଁ ସଂପ୍ରତି ଏହା ପ୍ରାୟତଃ ସଂକୁଚିତ ହୋଇଗଲାଣି। ନଈ କି ପୋଖରୀରେ ପହଁରିବା ହେଉ, ନାନା ପ୍ରକାର ଖେଳକୁଦ, ବିଭିନ୍ନ କୋଳିଗଛରୁ କୋଳିଖାଇବା, ଗଛଚଢ଼ିବା, ଡିଆଁଡେଇଁ କରିବା ଏବେ ଆଉ ଦେଖିବାକୁ ମିଳୁନାହିଁ। ଅଧିକାଂଶଙ୍କ ଘରେ ପିଲାଏ ମୋବାଇଲ ଧରି ଗେମ୍ ଖେଳୁଥିବେ ଅବା କାର୍ଟୁନ ଦେଖୁଥିବେ କିମ୍ବା ରିଲ୍ସ ଦେଖୁଥିବେ, ଶିକ୍ଷଣୀୟ ସାମଗ୍ରୀ ଦେଖୁଥିବା ଓ ପଢୁଥିବା ପିଲାଙ୍କ ସଂଖ୍ୟା କମ୍। ଖେଳକୁଦ ଭଳି ସକ୍ରିୟତା ସର୍ବଦା ଡାଇବେଟିସ ବିରୋଧୀ। ମାତ୍ର କିଶୋରକିଶୋରୀଙ୍କ ଠାରେ ଏବେ ଏହି ରୋଗ ଦେଖାଯାଉଥିବା ବିଷୟ ନିକଟରେ ଉଲ୍ଲେଖ କରିଛି ମୁମ୍ବାଇସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟଯତ୍ନ କେନ୍ଦ୍ର। ଏହି କେନ୍ଦ୍ର ପକ୍ଷରୁ ଏକ ବିଶେଷ ବିଶ୍ଳେଷଣ କରାଯାଇଥିଲା। ୨୦୧୫ ମାର୍ଚ୍ଚରୁ-୨୦୨୦ ମାର୍ଚ୍ଚ ଏବଂ ୨୦୨୦ ଏପ୍ରିଲରୁ ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଯଥାକ୍ରମେ ୪୫ ହଜାର ଏବଂ ୮ହଜାର ରୋଗୀଙ୍କ ଠାରେ ଅନୁଧ୍ୟାନ କରାଯିବା ପରେ ଉକ୍ତ କେନ୍ଦ୍ର ଜାଣିବାକୁ ପାଇଛି ଯେ ରୋଗ ଲକ୍ଷଣ ନ ଥାଇ ବହୁ କିଶୋର କିଶୋରୀଙ୍କ ଠାରେ ଡାଇବେଟିସ ଚିହ୍ନଟ ହେଉଛି। କୋଭିଡ ପୂର୍ବରୁ ୨୪ ପ୍ରତିଶତ ଓ କୋଭିଡ ପରବର୍ତ୍ତୀ ସମୟରେ ୩୮ ପ୍ରତିଶତ ରୋଗୀଙ୍କ ଠାରେ ଡାଇବେଟିସ ଦେଖାଯାଇଥିଲା। ବିଶେଷକରି କିଶୋରକିଶୋରୀଙ୍କ ଠାରେ ଏହା ଅଧିକ ଥିବା ଜଣାପଡ଼ିଥିଲା। ଦୀର୍ଘ ସମୟ ଧରି ଶାରୀରିକ ଭାବରେ ନିଷ୍କ୍ରିୟ ରହିବା, ଖାଦ୍ୟପେୟ ଅଭ୍ୟାସରେ ନାନା ଅବହେଳା କରିବା ଓ ନାନାଦି ଚାପ କିଶୋରକିଶୋରୀଙ୍କ ଠାରେ ଲକ୍ଷ୍ୟ କରାଯାଇଥିଲା। ଏକଥା ସତ୍ୟ ଯେ ଯେବେ ଦୀର୍ଘ ସମୟ ଧରି ଯାହା ବି କାର୍ଯ୍ୟ କରାଯାଉନା କାହିଁକି କାହାର ନକାରାତ୍ମକ ପ୍ରଭାବ ପଡ଼ିବା ଅନୁଧ୍ୟାନବେଳେ ଜଣାପଡ଼ିଥିଲା।

ସାଧାରଣ ଭାବରେ ଧରିନିଆଯାଏ ଯେ ଡାଇବେଟିସ ଏକ ପ୍ରାପ୍ତବୟସ୍କ ଲୋକଙ୍କ ରୋଗ। ମାତ୍ର ତାହା ସତ୍ୟ ଆଧାରିତ ନୁହେଁ, ଆଲୋଚ୍ୟ ବିଶ୍ଳେଷଣ ତାହାର ଦୃଷ୍ଟାନ୍ତ ରଖେ। ଦିନକୁ ଦିନ ଜୀବନଚର୍ଯ୍ୟାରେ ପ୍ରଯୁକ୍ତି ଅଧିକ ଭାବରେ ଯୋଡ଼ିହେବା ବେଳେ ଉପଯୁକ୍ତ ଖାଦ୍ୟଭ୍ୟାସର ଅଭାବ ଲକ୍ଷ୍ୟ କରାଗଲାଣି। ଜୀବନଚର୍ଯ୍ୟାରେ ସମନ୍ୱିତ ଶୃଙ୍ଖଳା ପୂର୍ବେ ଯେତେ ମାତ୍ରାରେ ପରିଲକ୍ଷିତ ହେଉଥିଲା ସେଥିରେ ଏବେ ବହୁ ବ୍ୟତିକ୍ରମ ଦେଖାଦେଉଛି। ଯଦି ଖାଦ୍ୟାଭ୍ୟାସ କଥା ଦେଖାଯାଏ ଘରୋଇ ଖାଦ୍ୟ ନିର୍ଭରତା ଏକଦା ବହୁଳ ଭାବରେ ଥିଲା। ମାତ୍ର ଆଜିକାଲି ନାନା ସ୍ୱାଦୁକର ଫାଷ୍ଟଫୁଡ ବା ଜଙ୍କଫୁଡ୍‌ର ମାୟାରେ ଅଧିକ କିଶୋରକିଶୋରୀ କବଳିତ। ମୋବାଇଲ ଫୋନର ଉପଯୋଗ ଅପେକ୍ଷା ଦୁରୁପଯୋଗ ବଢିଚାଲିଛି। ଅପରପକ୍ଷେ ଶାରୀରିକ ସକ୍ରିୟତା ବା ବାହାର ପରିବେଶ ସହ ଆସିବା କିଶୋରକିଶୋରୀଙ୍କ ଠାରେ ବହୁ ମାତ୍ରାରେ କମିଗଲାଣି। ଅବ୍ୟବସ୍ଥିତ ଜୀବନଶୈଳୀ ଡାଇବେଟିସକୁ ଆମନ୍ତ୍ରଣ କରୁଛି । ଏ ପରିପ୍ରେକ୍ଷୀରେ ସେହି ପୁରୁଣା ଦିନର ଜୀବନଚର୍ଯ୍ୟାର ଉପାଦେୟତାକୁ ବୁଝିବା ଆବଶ୍ୟକ। ଯେତେ ସମ୍ଭବ ପ୍ରାକୃତିକ ପରିବେଶରେ ଖେଳକୁଦ ସ୍ୱାଭାବିକ ହସଖୁସିର ସହିତ କଲେ ଏ ସମସ୍ୟା ନିଶ୍ଚୟ ହ୍ରାସ ହୋଇପାରିବ ବୋଲି ବିଶ୍ୱାସ କରାଯାଏ।

ଇକୋମାର୍କ କାହିଁକି ଜରୁରୀ ?

ଯୁଧିଷ୍ଠିର ମହାରଣା

ଆଜିକାଲି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିବା ବେଳେ ଉତ୍ପାଦଟି କେତେ ଷ୍ଟାର ମାନ୍ୟତା ପାଇଛି ତାହା ଦେଖିବାକୁ ଭୁଲୁ ନାହୁଁ। ବର୍ତ୍ତମାନ ଉତ୍ପାଦ ଖରିଦ କରିବାବେଳେ ଖାଉଟିମାନଙ୍କୁ ଦେଖିବାକୁ ପଡ଼ିବ କି ତାହା ପରିବେଶ-ଅନୁକୂଳ କି ନୁହେଁ। ଆଉ ଏହା ସୂଚାଇ ଦେବ ଇକୋଲେବଲ ବା ଇକୋମାର୍କ। ପ୍ରସ୍ତୁତିରୁ ଅଚଳ ବା ନଷ୍ଟ ହେବା ପର୍ଯ୍ୟନ୍ତ ପରିବେଶ ଉପରେ ଅତି କମ୍ କୁପ୍ରଭାବ ପକାଉଥିବା ଯେ କୌଣସି ସାମଗ୍ରୀ ବା ଉତ୍ପାଦ ଚିହ୍ନଟ କରିବା ଲାଗି ଇକୋମାର୍କ ମଞ୍ଜୁର କରାଯାଇଥାଏ।

ଅନ୍ୟାନ୍ୟ ଦେଶର ସରକାରଙ୍କ ଭଳି ପରିବେଶର କ୍ଷତି କରୁ ନଥିବା ସାମଗ୍ରୀଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାର ମଧ୍ୟ ଖାଦ୍ୟ, ପ୍ରସାଧନ, ସାବୁନ, ଡିଟରଜେଣ୍ଟ ଓ ରଙ୍ଗ ଆଦି ଉତ୍ପାଦରେ ଇକୋମାର୍କ ଲେବୁଲ ଲଗାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏଥିପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ବିସ୍ତାରିତ ନିୟମାବଳୀ (ଇକୋ ମାର୍କ ରୁଲସ୍ ୨୦୨୪) ନିୟମଟି ରହିଛି। ଉତ୍ପାଦ ଉପରେ ଇକୋମାର୍କ ସଙ୍କେତ ରହିଲେ ଖାଉଟି କିଣୁଥିବା ଉତ୍ପାଦ ସମ୍ବନ୍ଧରେ ସବିଶେଷ ସୂଚନା ପାଇପାରିବେ।

ପରିବେଶ ଉପରେ ଅପେକ୍ଷାକୃତ କମ୍ ପ୍ରତିକୂଳ ପ୍ରଭାବ ପକାଉଥିବା ଉତ୍ପାଦର ଚାହିଦା ବୃଦ୍ଧି କରିବା ହେଉଛି ଏହି ବ୍ୟବସ୍ଥା ଉଦ୍ଦେଶ୍ୟ। ଏହି ବ୍ୟବସ୍ଥା ସ୍ୱଳ୍ପ ଶକ୍ତି ଉପଯୋଗ, ସମ୍ବଳର ସୁବିନିଯୋଗ, ସଂରକ୍ଷଣ, ଉତ୍ପାଦର ପୁନଃ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ଇତ୍ୟାଦି ପ୍ରୋତ୍ସାହିତ କରେ। ଏହାଛଡ଼ା କୌଣସି ଉତ୍ପାଦ ପରିବେଶ ପାଇଁ କ୍ଷତିକାରକ ବୋଲି ହେଉଥିବା ଅପପ୍ରଚାର ବା ବିଭ୍ରାନ୍ତିକର ଦାବି ପ୍ରତିହତ କରିବାରେ ମଧ୍ୟ ଏହି ବ୍ୟବସ୍ଥା ସହାୟକ ହେବ। ଇକୋମାର୍କ ପାଇବା ଲାଗି ଯୋଗ୍ୟ ବିବେଚିତ ହେବାକୁ ଯେକୌଣସି ଉତ୍ପାଦ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ ଲାଇସେନ୍ସ ବା ସୁନିଶ୍ଚିତତା ପ୍ରମାଣପତ୍ର କରିଥିବା ବାଞ୍ଛନୀୟ। ଇକୋମାର୍କ ମଞ୍ଜୁରି ହାସଲ କରିବା ପାଇଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ବର୍ଜ୍ୟ ସାମଗ୍ରୀ ଯଥାସମ୍ଭବ କମ୍ ବା ହଟାଇବା ସହିତ ଏହି ଉତ୍ପାଦ ବାଷ୍ପ ଉତ୍ତାପ ଓ ଆଲୋକ ଇତ୍ୟାଦି ନିର୍ଗମନ ନ କରି ପ୍ରଦୂଷଣ ହ୍ରାସ କରୁଥିବ। ଏହି ଉତ୍ପାଦ ପୁନଃ ବ୍ୟବହାର ଉପଯୋଗୀ ହୋଇପାରୁଥିବ ଅଥବା ପୁନଃବ୍ୟବହାର ଉପଯୋଗୀ ସାମଗ୍ରୀରୁ ନିର୍ମିତ ହୋଇଥିବ। ସେହିପରି ଏ ଉତ୍ପାଦ ଅଣ-ଅକ୍ଷୟଶକ୍ତି ସମ୍ବଳ ଓ ପ୍ରାକୃତିକ ସମ୍ବଳ ସମେତ ଅଣ-ଅକ୍ଷୟ ସମ୍ବଳ ଉପରେ ନିର୍ଭରଶୀଳତା ହ୍ରାସ କରୁଥିବ। ଏହା ମଧ୍ୟ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ସାମଗ୍ରୀ ବ୍ୟବହାର ହ୍ରାସ କରାଉଥିବ।

ଏହା ବ୍ୟତିରେକ, ଉତ୍ପାଦନ ପ୍ରକ୍ରିୟା, ପ୍ରାକୃତିକ ସମ୍ବଳ ବ୍ୟବହାର, ପରିବେଶୀୟ ପ୍ରଭାବ, ବର୍ଜ୍ୟ ନିର୍ଗମନ, ଉତ୍ପାଦ ବିନଷ୍ଟ ଓ ପ୍ୟାକେଜିଂ ଆଦି କଥା ବି ବିଚାରକୁ ନିଆଯିବ। ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ଼ ଜରିଆରେ କମ୍ପାନୀମାନେ ଇକୋମାର୍କ ପାଇଁ ଆବେଦନ କରିପାରିବେ। ଦରଖାସ୍ତ ପାଇବା ପରେ ବୋର୍ଡ଼ ନିଜେ ବା କାହାଦ୍ୱାରା ଉତ୍ପାଦ ଯାଞ୍ଚ କରାଇବ। ସବୁ ଠିକଠାକ ଥିଲେ ଇକୋମାର୍କ ମିଳିବ ଏବଂ ତାହା ତିନି ବର୍ଷ ପାଇଁ ବୈଧ ରହିବ। ଇକୋମାର୍କ ମଞ୍ଜୁରି ପାଇଁ ରଙ୍ଗ, ପ୍ରସାଧାନ, ସାମଗ୍ରୀ, ବ୍ୟାଟେରି, ଖାଇବା ତେଲ, ଚା, କଫି, ଡିଟରଜେଣ୍ଟ ଓ କାଗଜ ସମେତ ୧୭ଟି ବର୍ଗର ଉତ୍ପାଦ ନିମନ୍ତେ ଯୋଗ୍ୟତା ନିରୂପଣ କରାଯାଇଛି। ସେଗୁଡ଼ିକ ହେଉଛି ଦେହଲଗା ପାଉଡର, ଦାନ୍ତଘଷା ପାଉଡର ଓ ପେଷ୍ଟ, ସ୍କିନ କ୍ରିମ, କେଶତୈଳ, ସାମ୍ପୁ, ଗାଧୁଆ ସାବୁନ, ହେୟାର କ୍ରିମ, ନେଲ ପଲିସ, ଆଫଟରସେଭ ଲୋସନ, ସେଭିଙ୍ଗ କ୍ରିମ, କସମେଟିକ ପେନସିଲ, ଲିପଷ୍ଟିକ ଭଳି ପ୍ରସାଧନ ସାମଗ୍ରୀ। ସେହିପରି, ଟେଲିଭିଜନ, ଫ୍ରିଜ, ଫୁଡ ମିକ୍ସର, ଗିଜର, ଇଲେକ୍ଟ୍ରିକାଲ/ଷ୍ଟିମ ଆଇରନ, ଟୋଷ୍ଟର, କୁଲର ଓ ବୟନ ଉତ୍ପାଦ ବା ବସ୍ତ୍ର ଆଦି ଉତ୍ପାଦ ପାଇଁ ବି ଇକୋମାର୍କ ମଞ୍ଜୁର କରାଯାଉଛି।

କଟକ, ମୋ : ୯୪୩୭୧୬୩୫୨୮

> ଜୀବନ ବଞ୍ଚିବାର ଶୈଳୀ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ ପସନ୍ଦ ଓ ଅଧିକାର ଅଟେ, କିନ୍ତୁ ଏହାର ସାମାଜିକ ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ । ଦ୍ୱୈତ ରୋଜଗାର ଓ ସନ୍ତାନହୀନ ଜୀବନ ହେଉ କିମ୍ବା ଏକକ ରୋଜଗାର ଓ ସନ୍ତାନହୀନ ଜୀବନ, ଏହା ବଦଳୁଥିବା ଅର୍ଥନୈତିକ ପରିସ୍ଥିତିର ଏକ ସ୍ୱାଭାବିକ ପରିଣାମ । ଆର୍ଥିକ ସୁରକ୍ଷା ଏବଂ ବ୍ୟକ୍ତିଗତ ସ୍ୱାଧୀନତା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହା ସହିତ ଭବିଷ୍ୟତ ପିଢ଼ି ଏବଂ ଦେଶର ଜନସଂଖ୍ୟାଗତ ସନ୍ତୁଳନ ବିଷୟରେ ମଧ୍ୟ ଚିନ୍ତା କରିବା ଜରୁରୀ । ଜାପାନ, ଦକ୍ଷିଣ କୋରିଆ ଓ ଇଟାଲୀ ଭଳି ଦେଶର ବର୍ତ୍ତମାନର ପରିସ୍ଥିତିରୁ ଶିକ୍ଷା ଗ୍ରହଣ କରି ଆମକୁ ବ୍ୟକ୍ତିଗତ ସୁଖ ଏବଂ ସାମାଜିକ ଦାୟିତ୍ୱ ମଧ୍ୟରେ ଏକ ସଠିକ୍ ସନ୍ତୁଳନ ରକ୍ଷା କରିବାକୁ ହେବ । କାରଣ ସମାଜରେ ଯୁବଶକ୍ତି ଏବଂ ବୟସ୍କଙ୍କ ମଧ୍ୟରେ ସନ୍ତୁଳନ ରହିଲେ ହିଁ ଏକ ସୁସ୍ଥ, ସଶକ୍ତ ଓ ଗତିଶୀଳ ରାଷ୍ଟ୍ରର ନିର୍ମାଣ ସମ୍ଭବ ହୋଇପାରିବ ।

ଆଧୁନିକ ଯୁବପିଢ଼ିର ନୂଆ ଜୀବନଶୈଳୀ

ଇଂ. ଅମର ବେହେରା

ଜୀବନ ଭାବେ ବୁଝାଯାଏ ।

ଏହି ନୂତନ ଧାରା ଅନୁଯାୟୀ, ସ୍ୱାମୀ ଓ ସ୍ତ୍ରୀ ଉଭୟେ ଚାକିରି କିମ୍ବା ବ୍ୟବସାୟ କରି ଅର୍ଥ ଉପାର୍ଜନ କରୁଛନ୍ତି, କିନ୍ତୁ ସେମାନେ ସନ୍ତାନ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଉଛନ୍ତି । ଅନ୍ୟପକ୍ଷରେ, ଅନେକ ଯୁବକ ଓ ଯୁବତୀ ବିବାହ ନ କରି ଏକାକୀ ରହି ନିଜର ରୋଜଗାରରେ ନିଜ ପାଇଁ ଏକ ସ୍ୱାଧୀନ ଜୀବନ ବଞ୍ଚିବାକୁ ପସନ୍ଦ କରୁଛନ୍ତି । ବର୍ତ୍ତମାନର ମହଙ୍ଗା ଯୁଗରେ ଗୋଟିଏ ସନ୍ତାନର ଲାଳନପାଳନ, ଉତ୍ତମ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ପଡୁଛି । ସହରୀ ଜୀବନରେ ଆକାଶଛୁଆଁ ଘରଭଡ଼ା, ଦୈନନ୍ଦିନ ଖର୍ଚ୍ଚ ଏବଂ ଭବିଷ୍ୟତର ସଞ୍ଚୟ ଚିନ୍ତା ଯୁବପିଢ଼ିଙ୍କୁ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ କରୁଛି । ସେମାନଙ୍କ ମତରେ, ସନ୍ତାନର ଦାୟିତ୍ୱ ନେବା ପରିବର୍ତ୍ତେ ନିଜର ଆୟକୁ ନିଜର ଜୀବନଧାରଣର ମାନ ବଢ଼ାଇବାରେ ଖର୍ଚ୍ଚ କରିବା ଅଧିକ ବୁଦ୍ଧିମାନର କାର୍ଯ୍ୟ । ଆର୍ଥିକ କାରଣ ବ୍ୟତୀତ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ମାନସିକ ଶାନ୍ତି ମଧ୍ୟ ଏହି ଧାରାର ଅନ୍ୟତମ ମୁଖ୍ୟ କାରଣ ଅଟେ ।

ଆଜିର ଯୁବପିଢ଼ି ଦେଶବିଦେଶ ଭ୍ରମଣ କରିବା, ନୂତନ ଅଭିଜ୍ଞତା ସାଉଁଟିବା ଏବଂ ନିଜର ସଉକ ପୂରଣ କରିବାକୁ ଭଲ ପାଉଛନ୍ତି । ସନ୍ତାନ ଜନ୍ମ ହେବା ପରେ ପିତାମାତାଙ୍କ ଉପରେ ଅନେକ ଦାୟିତ୍ୱ ଆସିଯାଏ, ଫଳରେ ସେମାନେ ନିଜ ପାଇଁ ସମୟ ବାହାର କରିପାରନ୍ତି ନାହିଁ । ବିଶେଷ କରି ମହିଳାମାନେ ନିଜର ବୃତ୍ତିଗତ ଜୀବନରେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି । ଗର୍ଭଧାରଣ ଏବଂ ସନ୍ତାନ ଲାଳନପାଳନ ଯୋଗୁଁ ଅନେକ ସମୟରେ ମହିଳାମାନଙ୍କୁ ନିଜର ଚାକିରି ଛାଡ଼ିବାକୁ ପଡ଼େ କିମ୍ବା ସେମାନଙ୍କ ପଦୋନ୍ନତିରେ ବାଧା ସୃଷ୍ଟି ହୁଏ । ତେଣୁ ବର୍ତ୍ତମାନର ଶିକ୍ଷିତ ଯୁବତୀମାନେ ନିଜର ପରିଚୟ ଓ ଆର୍ଥିକ ସ୍ୱାବଲମ୍ବୀତାକୁ ବଜାୟ ରଖିବା ପାଇଁ ସନ୍ତାନ ନ ନେବା ପକ୍ଷରେ ମତ ଦେଉଛନ୍ତି ।

ଏହା ସହିତ ବିଶ୍ୱର ବର୍ତ୍ତମାନର ପରିସ୍ଥିତି ମଧ୍ୟ ଯୁବପିଢ଼ିଙ୍କ ଚିନ୍ତାଧାରାକୁ ପ୍ରଭାବିତ କରୁଛି । ଜଳବାୟୁ ପରିବର୍ତ୍ତନ, ବଢୁଥିବା ପ୍ରଦୂଷଣ, ଅତ୍ୟଧିକ ଜନସଂଖ୍ୟା ଏବଂ ଭବିଷ୍ୟତର ଅନିଶ୍ଚିତତାକୁ ନେଇ ସେମାନେ ଚିନ୍ତିତ ଅଛନ୍ତି । ଏକକ ପରିବାର ବ୍ୟବସ୍ଥା ଯୋଗୁଁ ସନ୍ତାନର ଯତ୍ନ ନେବା ପାଇଁ



ଘରେ ବୟସ୍କ ଲୋକଙ୍କ ଅଭାବ ରହୁଛି । ଉଭୟ ପତିପତ୍ନୀ କର୍ମଜୀବୀ ହୋଇଥିବାରୁ ପିଲାକୁ କାହା ଭରସାରେ ଛାଡ଼ିବେ, ତାହା ଏକ ବଡ଼ ସମସ୍ୟା ହୋଇ ଠିଆ ହେଉଛି । ଏହି ସବୁ ବ୍ୟାବହାରିକ ଅସୁବିଧାକୁ ଏଡ଼ାଇବା ପାଇଁ ସେମାନେ ସନ୍ତାନହୀନ ଦାମ୍ପତ୍ୟ ଜୀବନ କିମ୍ବା ଏକକ ଜୀବନକୁ ଆପଣାଇ ନେଉଛନ୍ତି ।

ତେବେ ସମାଜର ବୟସ୍କ ବର୍ଗ ଏବଂ ବିଶେଷଜ୍ଞମାନେ ଏହି ଧାରାର ଭବିଷ୍ୟତ ପରିଣାମକୁ ନେଇ ଗଭୀର ଚିନ୍ତା ପ୍ରକଟ କରୁଛନ୍ତି । ଯଦି ଏହି ଧାରା ଦୀର୍ଘ ସମୟ ଧରି ଜାରି ରହେ, ତେବେ ଆଗାମୀ ପିଢ଼ିରେ ଯୁବକମାନଙ୍କ ସଂଖ୍ୟା ଅତ୍ୟନ୍ତ କମିଯିବ ଏବଂ ସମାଜରେ କେବଳ ବୃଦ୍ଧ ଲୋକମାନେ ହିଁ ଦେଖିବାକୁ ମିଳିବେ ।

ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଜାପାନ, ଦକ୍ଷିଣ କୋରିଆ ଏବଂ ଇଟାଲୀ ଭଳି ଦେଶ, ଯେଉଁଠାରେ ଜନ୍ମହାର କମିବା ଯୋଗୁଁ ଆଜି ଦେଶର ଅଧିକାଂଶ ନାଗରିକ ବୟସ୍କ ହୋଇସାରିଛନ୍ତି । ବିଶେଷ କରି ଜାପାନରେ ବର୍ତ୍ତମାନ ଯୁବଶକ୍ତିର ଅଭାବ ଯୋଗୁଁ ଅନେକ ଶିଳ୍ପ, ବିଦ୍ୟାଳୟ ଓ କାର୍ଯ୍ୟାଳୟ ବନ୍ଦ ହେବାକୁ ବସିଛି ଏବଂ ବୃଦ୍ଧ ଲୋକଙ୍କ ସେବା କରିବା ପାଇଁ ଲୋକ ମିଳୁନାହାନ୍ତି । ଦକ୍ଷିଣ କୋରିଆ ଏବଂ ଇଟାଲୀରେ ମଧ୍ୟ ଶିଶୁ ଜନ୍ମହାର ଏତେ କମିଯାଇଛି ଯେ ଅନେକ ଗ୍ରାମ ଏବେ ଜନଶୂନ୍ୟ ହେବାକୁ ବସିଛି । ଯଦି ଭାରତ ଭଳି ଯୁବବହୁଳ ଦେଶରେ ମଧ୍ୟ ସନ୍ତାନ ନ ନେବାର ଏହି ପ୍ରବୃତ୍ତି ବଢ଼ିଚାଲେ, ତେବେ ଭବିଷ୍ୟତରେ ଆମ ଦେଶର ଅବସ୍ଥା ମଧ୍ୟ ଜାପାନ ଭଳି ହୋଇଯିବ । ସମାଜରେ ବୟସ୍କଙ୍କ ସଂଖ୍ୟା ବଢ଼ିବା ଦ୍ୱାରା ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବ, କାମ କରିବାକୁ ଯୁବଶକ୍ତି ରହିବେ ନାହିଁ ଏବଂ ବୃଦ୍ଧାବସ୍ଥାରେ ଏକାକୀପଣ ମଣିଷକୁ ମାନସିକ ସ୍ତରରେ ଦୁର୍ବଳ କରିଦେବ ।

ତଥାପି ବର୍ତ୍ତମାନର ଯୁବପିଢ଼ି ଏହି ସମସ୍ତ ଆଶଙ୍କାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି । ସେମାନଙ୍କ ବିଶ୍ୱାସ ଯେ ବୃଦ୍ଧାବସ୍ଥାର ସାହାରା ପାଇଁ ସନ୍ତାନ ଜନ୍ମ କରିବା ଏକ ସ୍ୱାର୍ଥପର ଚିନ୍ତାଧାରା । ବରଂ ନିଜର ରୋଜଗାରରୁ ସଠିକ୍ ଭାବେ ସଞ୍ଚୟ ଓ ନିବେଶ କଲେ ବୃଦ୍ଧାବସ୍ଥାରେ କାହା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ସେମାନେ ନିଜର ବନ୍ଧୁବର୍ଗ, ସମାଜସେବା, ପୋଷା ପ୍ରାଣୀଙ୍କ ଯତ୍ନ ଏବଂ ବିଭିନ୍ନ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ ରଖି ଏକ ସୁସ୍ଥ ଓ ଆନନ୍ଦମୟ ଜୀବନ ବିତାଇ ପାରିବେ ।

ପରିଶେଷରେ ଏହା କୁହାଯାଇପାରେ ଯେ, ଜୀବନ ବଞ୍ଚିବାର ଶୈଳୀ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ ପସନ୍ଦ ଓ ଅଧିକାର ଅଟେ, କିନ୍ତୁ ଏହାର ସାମାଜିକ ପ୍ରଭାବକୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ । ଦ୍ୱୈତ ରୋଜଗାର ଓ ସନ୍ତାନହୀନ ଜୀବନ ହେଉ କିମ୍ବା ଏକକ ରୋଜଗାର ଓ ସନ୍ତାନହୀନ ଜୀବନ, ଏହା ବଦଳୁଥିବା ଅର୍ଥନୈତିକ ପରିସ୍ଥିତିର ଏକ ସ୍ୱାଭାବିକ ପରିଣାମ । ଆର୍ଥିକ ସୁରକ୍ଷା ଏବଂ ବ୍ୟକ୍ତିଗତ ସ୍ୱାଧୀନତା ନିଶ ଭାବେ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହା ସହିତ ଭବିଷ୍ୟତ ପିଢ଼ି ଏବଂ ଦେଶର ଜନସଂଖ୍ୟାଗତ ସନ୍ତୁଳନ ବିଷୟରେ ମଧ୍ୟ ଚିନ୍ତା କରିବା ଜରୁରୀ । ଜାପାନ, ଦକ୍ଷିଣ କୋରିଆ ଓ ଇଟାଲୀ ଭଳି ଦେଶର ବର୍ତ୍ତମାନର ପରିସ୍ଥିତିରୁ ଶିକ୍ଷା ଗ୍ରହଣ କରି ଆମକୁ ବ୍ୟକ୍ତିଗତ ସୁଖ ଏବଂ ସାମାଜିକ ଦାୟିତ୍ୱ ମଧ୍ୟରେ ଏକ ସଠିକ୍ ସନ୍ତୁଳନ ରକ୍ଷା କରିବାକୁ ହେବ । କାରଣ ସମାଜରେ ଯୁବଶକ୍ତି ଏବଂ ବୟସ୍କଙ୍କ ମଧ୍ୟରେ ସନ୍ତୁଳନ ରହିଲେ ହିଁ ଏକ ସୁସ୍ଥ, ସଶକ୍ତ ଓ ଗତିଶୀଳ ରାଷ୍ଟ୍ରର ନିର୍ମାଣ ସମ୍ଭବ ହୋଇପାରିବ ।

ବରଡିହି, ଅଷ୍ଟରଙ୍ଗ, ପୁରୀ
ମୋ: ୯୭୪୨୯୮୨୭୪୧

କାମ ନାହିଁ, କାମ କରିବାକୁ ଲୋକ ନାହାନ୍ତି !

ସୌଜନ୍ୟ କୁମାର ପରିଡ଼ା

> ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କୃଷିର ଆଧୁନିକୀକରଣ, ମତ୍ସ୍ୟଚାଷ, ପଶୁପାଳନ, ଖାଦ୍ୟ ପ୍ରକ୍ରିୟାକରଣ, କ୍ଷୁଦ୍ର ଶିଳ୍ପ ଓ ସ୍ଥାନୀୟ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ସରକାରୀ ଯୋଜନାର ଲକ୍ଷ୍ୟ କେବଳ ଆର୍ଥିକ ସହାୟତା ନୁହେଁ, ବରଂ ସ୍ଥାୟୀ ଜୀବିକା ଓ ଉତ୍ପାଦନମୂଳକ କାର୍ଯ୍ୟ ସୃଷ୍ଟି କରିବା ହେବା ଉଚିତ। ନିଯୁକ୍ତିଦାତାମାନେ ମଧ୍ୟ ନୂତନ ଯୁବକଙ୍କୁ ତାଲିମ ଓ ଶିକ୍ଷାନବିସ ସୁଯୋଗ ଦେବା ଦରକାର। ଏଥିସହିତ ଶ୍ରମିକଙ୍କ ନ୍ୟାଯ୍ୟ ମଜୁରି, ସୁରକ୍ଷା ଓ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ।

ଆମ ସମାଜ ଆଜି ଏକ ଅଜବ ଅର୍ଥନୈତିକ ଓ ସାମାଜିକ ବିରୋଧାଭାସ ଦେଇ ଗତି କରୁଛି। ଗୋଟିଏ ପଟେ ଶିକ୍ଷିତ ଯୁବକଯୁବତୀ ଚାକିରି ଖୋଜି ନିରାଶ ହେଉଛନ୍ତି, ଅନ୍ୟପଟେ କୃଷି, ନିର୍ମାଣ, ଶିଳ୍ପ ଓ ବିଭିନ୍ନ ବ୍ୟାବସାୟିକ କ୍ଷେତ୍ରରେ କାମ କରିବ

୯୦ କିମି ଦୂରରେ କେନ୍ଦ୍ରୀୟ ବିଦ୍ୟାଳୟ

ଲଖନପୁରରେ ସ୍ଥାପନ ପାଇଁ ଜନସାଧାରଣଙ୍କ ଦାବି ଜୋର୍‌ଦାର

ଝାରସୁଗୁଡ଼ା, ୧୬।୧୧: ଖଣିଜ ସମ୍ପଦ ଓ ଶିଳ୍ପାନୁଷ୍ଠାନରେ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍‌ରେ ଶିକ୍ଷାର ଭିତ୍ତିଭୂମିକୁ ନେଇ ଏବେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦେଶର ଅର୍ଥନୀତିକୁ ବିପୁଳ ରାଜସ୍ୱ ଯୋଗାଉଥିବା ଏହି ଅଞ୍ଚଳରେ ଗୋଟିଏ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ନଥିବା ଘଟଣା ସ୍ଥାନୀୟ ଶିକ୍ଷାପ୍ରେମୀ ଓ ଅଭିଭାବକଙ୍କୁ ନିରାଶ କରିଛି। ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ଦିନକୁ ଦିନ ଜୋରଦାର ହେଉଛି। ଲଖନପୁର ଅଞ୍ଚଳରେ ଏମ୍‌ସିଏଲ୍‌ର କୋଇଲା ଖଣି ସହ ବିଭିନ୍ନ ବୃହତ୍ ଶିଳ୍ প্রକଳ୍ପ ରହିଛି। ଏହାସହ ପ୍ରାୟ ୨୫ ହଜାର କୋଟି ଟଙ୍କା ବ୍ୟୟରେ ବିସିଜିସିଏଲ୍‌ର କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ଉତ୍ପାଦନ ପ୍ରକଳ୍ପ ମଧ୍ୟ ଏହି ଅଞ୍ଚଳର ଗୁରୁତ୍ୱ ବୃଦ୍ଧି କରିଛି। ଏତେସବୁ କେନ୍ଦ୍ରୀୟ ଓ ଶିଳ୍ପାନୁଷ୍ଠାନ ଥିବା ସତ୍ତ୍ୱେ ସେଠାକାର କର୍ମଚାରୀଙ୍କ ପିଲାଙ୍କ ସମେତ ସାଧାରଣ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁଲଭ ଓ ଗୁଣାତ୍ମକ ଶିକ୍ଷାନୁଷ୍ଠାନର ଅଭାବ ରହିଛି। ବର୍ତ୍ତମାନ ଝାରସୁଗୁଡ଼ା ରେଳବାଇ କଲୋନିରେ ଜିଲ୍ଲାର ଏକମାତ୍ର କେନ୍ଦ୍ରୀୟ ବିଦ୍ୟାଳୟ ରହିଛି। ଲଖନପୁର ବ୍ଲକ୍‌ରୁ ଏହାର ଦୂରତା ପ୍ରାୟ ୯୦



କିଲୋମିଟର ହୋଇଥିବାରୁ ଏତେ ଦୂର ଯାତାୟାତ କରି ପିଲାଙ୍କ ପାଠପଢ଼ା ଜାରି ରଖିବା ଅଭିଭାବକଙ୍କ ପାଇଁ କଷ୍ଟକର ହୋଇପଡୁଛି। ଫଳରେ ଅନେକ ମେଧାବୀ ଛାତ୍ରୀଛାତ୍ର ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଡିଏଭି ବିଦ୍ୟାଳୟ ଥିଲେ ମଧ୍ୟ ଏହାର ମାସିକ ଶିକ୍ଷାଦେୟ ୨ ହଜାରରୁ ୪ ହଜାର ଟଙ୍କା ମଧ୍ୟରେ ରହିଛି। ଏହା ସାଧାରଣ ଓ ଆର୍ଥିକ ଅନଗ୍ରସର ପରିବାର ପାଇଁ ଏକ ବଡ଼ ଆର୍ଥିକ ବୋଝ। ଅପରପକ୍ଷରେ କେନ୍ଦ୍ରୀୟ ବିଦ୍ୟାଳୟରେ ତୁଳନାତ୍ମକ ଭାବେ କମ୍ ଶିକ୍ଷାଦେୟରେ ଉନ୍ନତ ଶିକ୍ଷା ମିଳୁଥିବାରୁ ଏହା ପ୍ରତିଷ୍ଠା ହେଲେ ଗରିବ ଓ ମଧ୍ୟବିତ୍ତ ପରିବାରର ପିଲାମାନେ ବିଶେଷ ଉପକୃତ ହୋଇପାରିବେ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ବା ପିଏସ୍‌ୟୁର ସହଯୋଗରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନର ସୁଯୋଗ ରହିଛି। ଲଖନପୁର ଅଞ୍ଚଳରେ ଏମ୍‌ସିଏଲ୍, ରେଳବାଇ, ସିଆଇଏସ୍‌ଏଫ୍ ଓ ଆଇବି ଓସିପି ଭଳି ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟାକୁ ବିଚାରକୁ ନେଲେ ଆବଶ୍ୟକ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସହଜରେ ପୂରଣ ହୋଇପାରିବ ବୋଲି ଦାବି ହେଉଛି। ଏଥିସହ ଏମ୍‌ସିଏଲ୍ ପକ୍ଷରୁ ପ୍ରାୟ ୮ ଏକର ଜମି ଯୋଗାଇ ଦିଆଗଲେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ସମ୍ଭବ ହୋଇପାରିବ। ଆଗାମୀ ଦିନରେ ବିସିଜିସିଏଲ୍‌ର ବୃହତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏଠାକୁ ଶତାଧିକ ଇଞ୍ଜିନିୟର ଓ ଅନ୍ୟ ବୈଷୟିକ କର୍ମଚାରୀଙ୍କ ଆଗମନ ହେବ। ଏହାଦ୍ୱାରା ଅଞ୍ଚଳରେ ଜନସଂଖ୍ୟା ସହ ଶିକ୍ଷାନୁଷ୍ଠାନର ଆବଶ୍ୟକତା ମଧ୍ୟ ବଢ଼ିବା ନିଶ୍ଚିତ। ତେଣୁ ଏବେଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ବୁଡ଼ି ଆଞ୍ଚଳ ସଂଗ୍ରାମ ସମିତିର ସମ୍ପାଦକ ଗୋପୀନାଥ ମାଝୀ କହିଛନ୍ତି ଯେ, ଲଖନପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କୌଣସି ଅନୁଗ୍ରହ ନୁହେଁ, ବରଂ ଏହା ଅଞ୍ଚଳବାସୀଙ୍କ ନ୍ୟାଯ୍ୟ ଅଧିକାର। ସେହିପରି କୁସରାଲୋଇ ସରପଞ୍ଚ ରଘୁମଣି ପଧାନଙ୍କ ମତରେ, ଦୀର୍ଘବର୍ଷ ଧରି ଏହି ଅଞ୍ଚଳର ଲୋକେ ଦେଶର ବିକାଶ ପାଇଁ ଅବଦାନ ଦେଇଆସୁଛନ୍ତି। ଏହାର ପ୍ରତିବଦଳରେ ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବା ଅଞ୍ଚଳବାସୀଙ୍କ ପ୍ରତି ଯଥାର୍ଥ ସମ୍ମାନ ହେବ। ଏଣୁ ସ୍ଥାନୀୟ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ପ୍ରସ୍ତାବ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବା ସହ ଲଖନପୁରରେ ତୁରନ୍ତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ, ଅଭିଭାବକ ଓ ଶିକ୍ଷାପ୍ରେମୀ ମହଲରେ ଦାବି ଜୋର ଧରିଛି।

ପ୍ରଧାନଶିକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଶିକ୍ଷକ

ରାୟଗଡା: ୧୫/୧୧(ନିପ୍ର) ପ୍ରଧାନଶିକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଶିକ୍ଷକ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଅମ୍ବାଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବିରୋଧରେ ପୁଣି ଉଠିଲା ଅଭିଯୋଗ। ଏହିଥର ବିଦ୍ୟାଳୟର ଜଣେ କାର୍ଯ୍ୟରତ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଆମ୍ବଦଲା ଥାନାରେ ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି ଜଣେ ଧନ୍ଦାମୂଳକ ପ୍ରଶିକ୍ଷକ ଦେବବ୍ରତ ରାଉତ। ଏହି ଘଟଣାକୁ ନେଇ ବିଦ୍ୟାଳୟରେ ସୃଷ୍ଟି ହୋଇଛି ଉତ୍ତେଜନା। ପ୍ରଧାନଶିକ୍ଷକଙ୍କ ବିରୋଧରେ ଧନ୍ଦାମୂଳକ ପ୍ରଶିକ୍ଷକ ଦେବବ୍ରତ ରାଉତ ଏକ ମାନସିକ ନିର୍ଯାତନା ଭଳି ଏକ ଗୁରୁତ୍‌ପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। କୌଣସି ଏକ କାରଣକୁ ନେଇ ଶିଶୁ ଦିବସ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସମ୍ମୁଖରେ ଅପମାନିତ କରିବା ସହ ବିନା ନୋଟିସରେ କାର୍ଯ୍ୟରୁ ଅବ୍ୟାହତି ନିର୍ଦ୍ଦେଶ ଦେଇଥିବା କୁହାଯାଇଛି। ଏହି ଅବ୍ୟାହତି ନିର୍ଦ୍ଦେଶ କୁ ବିରୋଧ କରି ନ୍ୟାୟ ଦାବିକରି ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ଶିକ୍ଷକ ଦେବବ୍ରତ ରାଉତ ଏବଂ ତାଙ୍କୁ ସମର୍ଥନର ହାତ ବଢ଼ାଇ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଅନ୍ତେବାସୀ ଛାତ୍ର ଛାତ୍ରୀ ମଧ୍ୟ ଧାରଣାରେ ବସିଥିଲେ।ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଅମ୍ବାଦଳା ଥାନାର ଦ୍ୱାରସ୍ଥ ହୋଇଥିଲେ ଶିକ୍ଷକ ଶ୍ରୀ ରାଉତ। ଏଠାରେ ପ୍ରକାଶଯୋଗ୍ୟ ଯେ, ୨୦୧୯ରୁ ଏହି ବିଦ୍ୟାଳୟରେ ଧନ୍ଦାମୂଳକ ପ୍ରଶିକ୍ଷକ ଭାବରେ ଦେବବ୍ରତ ରାଉତ କାମକରି ଆସୁଛନ୍ତି। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦେବବ୍ରତ ରାଉତ ଅଭିଯୋଗ କରି କହିଛନ୍ତିଯେ,ପ୍ରଧାନ ଶିକ୍ଷକ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ନଥିବରୁ ଅକ୍ଷମ ଶ୍ରେଣୀର ଅତିରିକ୍ତ କ୍ଲାସ୍ ନେବା ପାଇଁ ସେ ସ୍ୱାସ୍ଥ୍ୟଗତ କାରଣରୁ ଅସମର୍ଥ ବୋଲି କହିବାରୁ ଛାତ୍ର ଛାତ୍ରୀ ଓ କର୍ମଚାରୀଙ୍କ ସମ୍ମୁଖରେ ଅପମାନିତ କରିଥିଲେ। ଏପରିକି ଡାକ୍ତରୀ ରିପୋର୍ଟ ସଂଲଗ୍ନ କରି ଛୁଟି ଦରଖାସ୍ତ ଦାଖଲ କରିଥଲେ ମଧ୍ୟ ତାହା ଗ୍ରହଣ କରାଯାଇନଥିବା ଅଭିଯୋଗ କରିଛନ୍ତି। ଦେବବ୍ରତ ଗତ ୧୧ ତାରିଖରେ ବିନା କାରଣ ଦର୍ଶାଅ ନୋଟିସ୍‌ରେ କାର୍ଯ୍ୟରୁ ଅବ୍ୟାହତି ଦେବାକୁ ନିର୍ଦ୍ଦେଶ ଦେଇଥିବା ମଧ୍ୟ ଅଭିଯୋଗ କରାଯାଇଛି। ଧନ୍ଦାମୂଳକ ଶିକ୍ଷକଙ୍କୁ ଅପମାନ କରଯାଇଥିବା ଜଣାପଡିବା ପରେ ଏହାର ପ୍ରତିବାଦରେ ଶିଶୁ ଦିବସରେ ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ଛାତ୍ରଛାତ୍ରୀ ମଧ୍ୟ ଧାରଣାରେ ବସିଥିଲେ। ଘଟଣାକୁ ନେଇ ଅମ୍ବଦଲା ଥାନାରେ ଲିଖିତ ଅଭିଯୋଗ କରାଯାଇ ନ୍ୟାୟ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିବା ଜଣାପଡ଼ିଛି।

ପ୍ରଧାନଶିକ୍ଷକଙ୍କ ବିରୋଧରେ ଲଗାତର ଅଭିଯୋଗ ହୋଇଆସୁଛି। ଏପରିକି ବିଭାଗୀୟ ସିଆଇ ଓ ମୁନିଗୁଡା ଡବ୍ଲୁଇଓ ପ୍ରଧାନଶିକ୍ଷକଙ୍କ ବିରୋଧରେ ରିପୋର୍ଟ ଲେଖି ବିଭାଗକୁ ପ୍ରଦାନ କରି ଅବଗତ କରାଇ ଥିଲେ। କିନ୍ତୁ ଜିଲ୍ଲା ମଙ୍ଗଳ ବିଭାଗ ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଧିବାସୀ। ଅମ୍ବାଦଳା ପୋଲିସ ଛାତ୍ରଛାତ୍ରୀଙ୍କୁ ଧାରଣରୁ ଉଠିବାକୁ କହିଥିଲେ। ଛାତ୍ରଛାତ୍ରୀ ମାନେ କାହା କଥା ଶୁଣିନଥିଲେ। ପ୍ରଧାନଶିକ୍ଷକ ହଟାଅ, ବିଦ୍ୟାଳୟ ବଞ୍ଚାଅ ବୋଲି କହିଥିଲେ। ଏହାପରେ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି ଆଗକୁ ଜଣାପଡ଼ିବ।

ସାହିତ୍ୟ କ୍ଷେତ୍ରରେ ପ୍ରତିଭାମାନଙ୍କୁ ମିଳିଲା ସମ୍ମାନ

ଭୁବନେଶ୍ୱର, ୧୬।୧୧: ସାହିତ୍ୟ କ୍ଷେତ୍ରରେ ପ୍ରତିଭା ମାନଙ୍କୁ ମିଳିଲା ସମ୍ମାନ। କଳିଙ୍ଗ ସାହିତ୍ୟ ପ୍ରଗତି ସମାଜ, ଭୁବନେଶ୍ୱର ଏବଂ ତାଙ୍କ ଦ୍ୱାରା ପ୍ରକାଶିତ 'ଉତ୍କଳ ପ୍ରେରଣା ସାହିତ୍ୟ ପତ୍ରିକା ' ଦ୍ୱାରା ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ଏ. ବି. ଭି. ପି ହଲ ରେ 'ଉତ୍କଳ ପ୍ରେରଣା ପୁରସ୍କାର ଉତ୍ସବ 'ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୩୦ରୁ ଅଧିକା ପ୍ରତିଭାଙ୍କୁ ଉତ୍କଳ ପ୍ରେରଣାର ସ୍ୱତନ୍ତ୍ର ଏବଂ ନିଜସ୍ୱ ପ୍ରସ୍ତୁତ ଟ୍ରଫି, ଉତ୍ତରୀ, ଏବଂ ସାର୍ଟିଫିକେଟ ପ୍ରଦାନ କରାଗଲା। ଏହି କାର୍ଯ୍ୟକ୍ରମ ରେ ନିଜର ଗୁରୁତ୍‌ପୂର୍ଣ୍ଣ ଦାୟିତ୍ୱ ବହନ କରି, ଅନେକ ବାଧାବିଘ୍ନକୁ ପାରିକରିବି ଏବଂ କଠୋର ପରିଶ୍ରମ କରି ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ଏବଂ ଆୟୋଜନ କରିଛନ୍ତି ଉତ୍କଳ ପ୍ରେରଣା ର ସଦସ୍ୟ ବୃନ୍ଦ. ଯଥା ଧ୍ରୁବ ଚରଣ ସାହୁ ,ଯୁବ ଲେଖକ ଧିରେନ ଚନ୍ଦ୍ର ଦାସ,



ବିକାଶ କୁମାର ପରିଡା ,ଅଶ୍ୱିନୀ କୁମାର ସାହୁ , ଅନୁପମ ସୁଶ୍ରୀତ ସାହୁ,ଦିବ୍ୟମ ପ୍ରସାଦ ଦାସ , ଆଦି ସଦସ୍ୟ ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ ଉଦୟ ଲାବଣ୍ୟ ଖବରକାଗଜର ସଂପାଦକ ଲଲାଟେନ୍ଦୁ ସେନାପତି, ଲୋକଙ୍କ ସ୍ୱର ଖବରକାଗଜର ସଂପାଦକ ପ୍ରତାପ ପୁଷ୍ଟି, ଏବଂ ପତ୍ର ପତ୍ରିକା ସଂଗ୍ରାହକ ରାଜକିଶୋର ଷଡ଼ଙ୍ଗୀ। ମଞ୍ଚ ଉପସ୍ଥାପନା, ପରିଚାଳନା ଏବଂ ଧନ୍ୟବାଦ ଜ୍ଞାପନ କରୁଥିଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଯୁବ ଲେଖକ ଧିରେନ ଚନ୍ଦ୍ର ଦାସ।

ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ

ରାୟଗଡ, ୧୬।୧୧ (ନିପ୍ର); ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଅନ୍ତର୍ଗତ ଆବାସ ବଣ୍ଟନ ବଲାଙ୍ଗୀରରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ପାଇଁ ଶୁଭାରମ୍ଭ କରାଯାଇଅଛି । ଏହି ଅବସରରେ ରାୟଗଡ ଜିଲ୍ଲା ଓ ସଦର ବ୍ଲକ ନିମନ୍ତେ ଉକ୍ତ ଶୁଭାରମ୍ଭର ସିଧା ପ୍ରସାରଣ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଆୟୋଜନ କରାଯାଇଥିଲା । ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିଦ୍ୟାଧର ଶବର, ଉପାଧକ୍ଷା ମଞ୍ଜୁଲା ମିଣିୟାକା, ସମାଜସେବୀ କାଳୀରାମ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ନିର୍ବାହୀ ଅଧିକାରୀ ଖିରାନ୍ତି ତନୟା ସାହୁ, ରାୟଗଡ ବ୍ଲକ ଅଧକ୍ଷା ଟୁନି ହୁଇକା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ ସମେତ ବିଭିନ୍ନ ବ୍ଲକର ଜିଲ୍ଲା ପରିଷଦ ସଦସ୍ୟ, ସମିତି ସଭ୍ୟା ସଭ୍ୟ, ସରପଞ୍ଚ, ୱାର୍ଡ ସ୍ତରୀୟ ନିର୍ବାଚିତ ପ୍ରତିନିଧି, ବିଡ଼ିଓ ଏବଂ ସାତ ସହରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ବୃନ୍ଦ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ଦିବା ଏଗାର ଘଟିକା ରେ ଆରମ୍ଭ ଏହି କାର୍ଯ୍ୟକ୍ରମ ଦିବା ସାଢ଼େ ଗୋଟେ ପର୍ଯ୍ୟନ୍ତ ଚାଲିଥିଲା । ରାଜ୍ୟରେ ଗୃହହୀନ କେହି ରହିବେ ନାହିଁ ପର୍ଯ୍ୟାୟ କ୍ରମରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାୟଗଡ ବ୍ଲକ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ରାୟଗଡର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

ସମ୍ଭାବ୍ୟ ବାତ୍ୟା ପାଇଁ ହିଞ୍ଜିଳିକାଟୁ ବ୍ଲକ୍ ପ୍ରଶାସନର ଆଗୁଆ ପ୍ରସ୍ତୁତି

ହିଞ୍ଜିଳିକାଟୁ, ୧୬।୧୧ (ନିପ୍ର): ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ତତ୍ପର ହୋଇଉଠିଛି ହିଞ୍ଜିଳିକାଟୁ ବ୍ଲକ୍ ପ୍ରଶାସନ। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଆକଳନ କରି ଜନଜୀବନ ଓ ଧନସମ୍ପତ୍ତିର ସୁରକ୍ଷା ସହ ଯେକୌଣସି ଜରୁରୀ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଶନିବାର ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପଞ୍ଚାୟତିରାଜ ସଂସ୍ଥାର ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସମ୍ଭାବ୍ୟ ବାତ୍ୟାଜନିତ ପରିସ୍ଥିତିରେ କିଭଳି ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯିବ,ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ତଳିଆ ଓ ବିପଦସଂକୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଆଗୁଆ ଚିହ୍ନଟ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ଖାଦ୍ୟ ଓ ପାନୀୟ ଜଳ ମହଜୁଦ, ବିଦ୍ୟୁତ୍ ଯୋଗାଣର ସୁବ୍ୟବସ୍ଥା ଏବଂ ଜରୁରୀ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ବାତ୍ୟା ସମୟରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା, ଗ୍ରାମାଞ୍ଚଳରେ ଆଗୁଆ ସଚେତନତା ସୃଷ୍ଟି କରିବା ଏବଂ ଜରୁରୀ ପରିସ୍ଥିତିରେ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବିଭାଗ ନିଜ ନିଜ ଦାୟିତ୍ୱକୁ ଗୁରୁତ୍ୱର ସହ ତୁଲାଇବା ସହ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ହିଞ୍ଜିଳିକାଟୁ ବିଡିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ବ୍ଲକ୍ ଉପାଧକ୍ଷ ସୁନିଲ ଗନ୍ତାୟତ, ତହସିଲଦାର ତପନ କୁମାର ମହାପାତ୍ର, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ, ହିଞ୍ଜିଳିକାଟୁ ଥାନା ଏସ୍ ?ଆଇ ତ୍ରିଲୋକନାଥ ସେଠୀଙ୍କ ସମେତ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସମ୍ଭାବ୍ୟ ବାତ୍ୟାକୁ ନେଇ ଆତଙ୍କିତ ନହୋଇ ସଚେତନ ଓ ସତର୍କ ରହିବା ସହ ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

ବର୍ଷା ଜଳ ସଂରକ୍ଷଣ ପାଇଁ ଦାବି

ରାୟା, ୧୬।୧୧ (ନିପ୍ର); ଗଞ୍ଜାମ ବ୍ଲକର ପାହାଡ଼ ପାଦ ଦେଶରେ ଥିବା ଚାଷ ବହୁଳ ଅଞ୍ଚଳରେ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ପାଇଁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି ଗଞ୍ଜାମ ବ୍ଲକ୍ ବିଧାୟକ ପ୍ରତିନିଧି ତଥା ବିଜେପି ଯୁବନେତା ମାନସ କୁମାର ନାହାକ। ପାହାଡ଼ ପାଦ ଦେଶ ଅଞ୍ଚଳ ହେଉଛି ଗଞ୍ଜାମ ବ୍ଲକର ଏକ ପ୍ରମୁଖ ଚାଷ ବହୁଳ ଅଞ୍ଚଳ। ଏଠାରେ ଶହ ଶହ ଏକର ଚାଷ ଜମି ରହିଛି। ଧାନ, ଡାଲି, ପନିପରିବା ଆଦି ଚାଷ ଉପରେ ଏହି ଅଞ୍ଚଳର ଶହ ଶହ ଚାଷୀ ପରିବାର ନିର୍ଭର କରନ୍ତି। କିନ୍ତୁ ପ୍ରତି ବର୍ଷ ବର୍ଷା ଋତୁରେ ପାହାଡ଼ରୁ ବହି ଆସୁଥିବା ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ବହିଯାଇ ନଷ୍ଟ ହୋଇ ଯାଉଛି। ବର୍ଷା ଜଳ ବହିଯିବା ଯୋଗୁଁ ଚାଷ ଜମିର ଉର୍ବର ମାଟି ମଧ୍ୟ ଧୋଇ ହୋଇ ଯାଉଛି। ଅନ୍ୟ ପଟେ ଗ୍ରୀଷ୍ମ ଋତୁ ଆସିଲେ ଏହି ଅଞ୍ଚଳରେ ଜଳ ଅଭାବ ଦେଖା ଦେଉଛି। କୂଅ, ନଳକୂପ ଶୁଖି ଯାଉଛି। ଚାଷୀମାନେ ଦ୍ୱିତୀୟ ଫସଲ କରି ପାରୁନାହାଁନ୍ତି। ଫଳରେ ଚାଷୀମାନେ ଆର୍ଥିକ କ୍ଷତି ସହୁଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଧାୟକ ପ୍ରତିନିଧି ମାନସ କୁମାର ନାହାକ ଏହି ଅଞ୍ଚଳରେ ବର୍ଷା ଜଳ ସଂରକ୍ଷଣ ପାଇଁ ଚେକ୍ ଡ୍ୟାମ୍, ଜଳାଶୟ, ପୋଖରୀ ଖନନ ଓ ଜଳ ସଂରକ୍ଷଣ ପ୍ରକଳ୍ପ କରିବାକୁ ଦାବି କରିଛନ୍ତି। ଏ ନେଇ ସେ ଗଞ୍ଜାମ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏବଂ ଗଞ୍ଜାମ ଜିଲ୍ଲାପାଳଙ୍କୁ ମଧ୍ୟ ନିବେଦନ କରିଛନ୍ତି। ବର୍

ଫିଲିପାଇନ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ପାରମ୍ପରିକ ପୋଷାକ ପିନ୍ଧିଲେ, ରାମାୟଣ ଦେଖିଲେ



ନୂଆଦିଲ୍ଲୀ, ୧୬।୧୧: ଫିଲିପାଇନ୍ସ ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମାନାର୍ଥେ ସୋମବାର ସେଠାକାର ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର ମାରକୋସ ଏକ ଭବ୍ୟ ରାତ୍ରଭୋଜନର ଆୟୋଜନ କରିଥିଲେ । ଏଥିରେ ପ୍ରଧାନମନ୍ତ୍ରୀ ମୋଦି ଫିଲିପାଇନ୍ସର ରାଷ୍ଟ୍ରୀୟ ପୋଷାକ ପିନ୍ଧୀ ସେଠାକାର ରାଷ୍ଟ୍ରପତି ମାରକୋସଙ୍କ ସହ କରମର୍ଦ୍ଦନ କରିବା ସହ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା । ରାଜଧାନୀ ମାନିଲାର ଇଣ୍ଟରନ୍ୟାସନାଲ କନଭେନସନ ସେଣ୍ଟରରେ ଏହି ଭବ୍ୟ ଭୋଜିର ଆୟୋଜନ କରାଯାଇଥିଲା ।ତେବେ ସାଂସ୍କୃତିକ ଭାବନାକୁ ଜୀବନ୍ତ ରଖି, ପ୍ରଧାନମନ୍ତ୍ରୀ ମୋଦି ଏକ କଲର, ବଟନ୍-ଡାଉନ୍ ସାର୍ଟ ପିନ୍ଧିଥିଲେ ଯେଉଁଥିରେ ବିସ୍ତୃତ ଫୁଲ ଏବଂ ଘୂର୍ଣ୍ଣନ ମୋଟିଫ୍ ସହିତ ଜଟିଳ ଟୋନାଲ୍ ଏମ୍ବ୍ରୋଡେରୀ ଥିଲା। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଲିଗାନ ସିଟିସ୍ଥିତ ଆଇପିଏଜି ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ରାମାୟଣ ଉପଭୋଗ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୩ତମ ଆସିଆନ୍-ଇଣ୍ଡିଆ ସମିଟରେ ଯୋଗଦେବାକୁ ୩ ଦିନିଆ ଫିଲିପାଇନ୍ସ ଗସ୍ତରେ ଅଛନ୍ତି । ମାନିଲା ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭାରତୀୟ ବଂଶୋଦ୍ଭବମାନଙ୍କ ପକ୍ଷରୁ ଜୋରଦାର ସ୍ୱାଗତ କରାଯାଇଥିଲା । ଆସିଆନରେ ବର୍ତ୍ତମାନ ଇଣ୍ଡୋନେସିଆ, ଫିଲିପାଇନ୍ସ, ମାଲେସିଆ, ସିଙ୍ଗାପୁର, ବ୍ରୁନେଇ, ଥାଇଲାଣ୍ଡ, ଭିଏତନାମ, ମ୍ୟାନମାର, ଲାଓସ, କାମ୍ବୋଡିଆ ଏବଂ ଇଷ୍ଟ ତିମୋର ସଦସ୍ୟ ଅଛନ୍ତି । ଏଥିସହ ଚୀନ, ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆମେରିକା ଏବଂ ରୁଷିଆ ଆମନ୍ତ୍ରିତ ସଦସ୍ୟ ଅଛନ୍ତି ।

ବଚ୍ଚନ ପିତାପୁତ୍ରଙ୍କୁ ଗ୍ୟାଙ୍ଗଷ୍ଟର ଗୋଲ୍ଡି ଧିଲୋଁଙ୍କ ଧମକ

ମୁମ୍ବାଇ୧୬।୧୧: ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନ ଓ ତାଙ୍କ ପୁଅ ଅଭିଷେକ ବଚ୍ଚନଙ୍କୁ ପୁଣି ଥରେ ହତ୍ୟା ଧମକ ମିଳିଛି । ନିଜକୁ ଗୋଲ୍ଡି ଧିଲୋଁ ବୋଲି ପରିଚୟ ଦେଉଥିବା ଜଣେ ବ୍ୟକ୍ତି ଫେସବୁକରେ ପୋଷ୍ଟ କରି ବଚ୍ଚନ ପିତା-ପୁତ୍ରଙ୍କୁ ଏହି ଧମକ ଦେଇଛି । ଏହାକୁ ନେଇ ଫିଲ୍ମ ଜଗତ ଓ ସୁରକ୍ଷା ଏଜେନ୍ସିଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଏକ ରିପୋର୍ଟ ଅନୁଯାୟୀ, ଗୋଲ୍ଡି ଧିଲୋଁ ଫେସବକ୍ ପୋଷ୍ଟରେ ଦାବି କରିଛି ଯେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ତା'ର ଦୁଇ ସହଯୋଗୀ ବିକାଶ ଠାକୁର ଓରଫ୍ ଭିକି ଏବଂ ଦୀପକ ସିଂହ ଓରଫ୍ ଦୀପକୁ ମୁମ୍ବାଇରୁ ଗିରଫ କରିଛି । ତେବେ ମୁମ୍ବାଇରେ ଏବେ ବି ତା'ର ୨୦୦ ସହଯୋଗୀ ସକ୍ରିୟ ଥିବା ସେ ଦାବି କରିଛି । ଶିଖ୍ ସମ୍ପ୍ରଦାୟ ବିରୋଧରେ କହୁଥିବା ଲୋକଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମଧ୍ୟ ସେ ଚେତାବନୀ ଦେଇଛି । ଅମିତାଭ ଓ ଅଭିଷେକ ବୁଲେଟପ୍ରୁଫ୍ କାଚ ପଛରେ ଲୁଚି ରୁହନ୍ତୁ କିମ୍ବା କଡ଼ା ସୁରକ୍ଷା ମଧ୍ୟରେ ରହନ୍ତୁ, ତଥାପି ସେ ଉଭୟଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଛି ।

'ଇନ୍ଦିରାଙ୍କୁ ବହୁତ ଭୟ କରୁଥିଲେ ସୋନିଆ'



ନୂଆଦିଲ୍ଲୀ, ୧୬।୧୧: ଏକ ଅତ୍ୟନ୍ତ ବ୍ୟକ୍ତିଗତ ଆଲୋଚନାରେ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ନିଜ ଶାଶୁ ଇନ୍ଦିରା ଗାନ୍ଧୀଙ୍କୁ ନେଇ ତାଙ୍କ ମନରେ ଥିବା ପ୍ରାରମ୍ଭିକ ଭୟ, ନିଜର ନୂତନ ସୃତିକଥା 'ବିଲଙ୍ଗିଙ୍ଗ: ଏ ଜର୍ଣ୍ଣି ଅଫ୍ ଲଭ୍' ଲେଖିବା ପଛର ଉଦ୍ଦେଶ୍ୟ ଏବଂ ଦେଶର ଯୁବପିଢ଼ିଙ୍କୁ ସକ୍ରିୟ ଭାବେ ରାଜନୀତିରେ ସାମିଲ ହେବା ପାଇଁ ଦେଇଥିବା ଆହ୍ୱାନ ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି ।ନିଜ ଜୀବନ ଯାତ୍ରା ବିଷୟରେ ବିସ୍ତୃତ ଭାବେ କହିବାକୁ ଯାଇ ସୋନିଆ ଗାନ୍ଧୀ ମନେ ପକାଇ କହିଥିଲେ ଯେ, ଆରମ୍ଭରେ ସେ 'ଇନ୍ଦିରା ଗାନ୍ଧୀଙ୍କୁ (ଶାଶୁଙ୍କୁ) ଦେଖି ବହୁତ ଭୟ କରୁଥିଲେ ।'ନିଜ ଜୀବନର ପ୍ରାରମ୍ଭିକ ଦିନଗୁଡ଼ିକର ଏକ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରି ସେ କହିଲେ ଯେ, ଇନ୍ଦିରା ଗାନ୍ଧୀଙ୍କୁ 'ମା' କିମ୍ବା 'ମମ୍ମି' ବୋଲି ସମ୍ବୋଧନ କରିବା ତାଙ୍କ ପାଇଁ କଷ୍ଟକର ଥିଲା । କାରଣ ତାଙ୍କ ପାଇଁ କେବଳ ଜଣେ ହିଁ 'ମା' ଥିଲେ,ଆଉ ସେ ହେଉଛନ୍ତି ଇଟାଲୀରେ ରହୁଥିବା ତାଙ୍କ ନିଜ ମା' ।ଫଳସ୍ୱରୂପ, ସେ ଇନ୍ଦିରା ଗାନ୍ଧୀଙ୍କୁ ସିଧାସଳଖ ସମ୍ବୋଧନ ନ କରି କିପରି କଥାବାର୍ତ୍ତା କରିପାରିବେ, ସେଥିପାଇଁ ଉପାୟ ଖୋଜୁଥିଲେ । ତେବେ, ଇନ୍ଦିରା ଗାନ୍ଧୀଙ୍କ ସହ ତାଙ୍କର ସମ୍ପର୍କ ଯେତେବେଳେ ନିବିଡ଼ ହେଲା ବିଶେଷକରି ରାହୁଲ ଏବଂ ପ୍ରିୟଙ୍କାଙ୍କ ଜନ୍ମ ପରେ ସେତେବେଳେ ତାଙ୍କର ଦୃଷ୍ଟିକୋଣ ବଦଳିଗଲା ।

ଦକ୍ଷିଣ ଆଫ୍ରିକାର ଦୁଇଟି ଭିନ୍ନ ସ୍ଥାନରେ ଗୁଳିମାଡ: ୧୭ ମୃତ

ନୂଆଦିଲ୍ଲୀ, ୧୬।୧୧: ସୋମବାର ଦକ୍ଷିଣ ଆଫ୍ରିକାରେ ଦୁଇଟି ପୃଥକ ପୃଥକ ଗୁଳିକାଣ୍ଡ ଘଟିଛି, ଯେଉଁଥିରେ ଅତି କମରେ ୧୭ ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ ଅନୁଯାୟୀ, ପ୍ରଥମ ଘଟଣା ଦକ୍ଷିଣ ଆଫ୍ରିକାର ରାଜଧାନୀ ପ୍ରିଟୋରିଆ ନିକଟରେ ଘଟିଛି । ଜେଫସଭିଲର ଏକ ବସ୍ତିରେ ଗୁଳିକାଣ୍ଡ ଘଟିଛି । ଏକ କୁଡ଼ିଆ ଘର ଭିତରେ ନଅ ଜଣଙ୍କ ମୃତଦେହ ମିଳିଛି, ସମସ୍ତଙ୍କ ଦେହରେ ଗୁଳି ବାଜିଛି । ଦ୍ୱିତୀୟ ଘଟଣା ପିଟରମାରିଜ୍ବର୍ଗ ସହର ବାହାରେ ଥିବା ସ୍ୱିଟୱାଟର୍ସରେ ଘଟିଛି । ଏକ କାର ଭିତରେ ଆଠ ଜଣଙ୍କ ମୃତଦେହ ମିଳିଛି । କାରଟିରେ ଅନେକ ଗୁଳି ବାଜିଛି । ପୋଲିସ କହିଛି ଯେ ଉଭୟ ଘଟଣା ପଛରେ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଜଣାପଡିନାହିଁ । ଜେଫସଭିଲରେ ରବିବାର ରାତିରେ ଗୁଳିକାଣ୍ଡ ଘଟିଥିଲା । ଏପର୍ଯ୍ୟନ୍ତ କୌଣସି ଗିରଫଦାରୀ ହୋଇନାହିଁ । ଅନ୍ୟପକ୍ଷରେ, ପିଟରମାରିଜ୍ବର୍ଗରେ ପୋଲିସ ଏପର୍ଯ୍ୟନ୍ତ ମୃତକ କିମ୍ବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିନାହିଁ ।

ମୃତ୍ୟୁଦଣ୍ଡ ଧମକ ସତ୍ତ୍ୱେ ଡିସେମ୍ବରରେ ବାଂଲାଦେଶ ଫେରିବେ ହସିନା

ନୂଆଦିଲ୍ଲ, ୧୬।୧୧: ମୃତ୍ୟୁଦଣ୍ଡର ସମ୍ମୁଖୀନ ହେବାର ଆଶଙ୍କା ସତ୍ତ୍ୱେ ଆସନ୍ତା ଡିସେମ୍ବରରେ ବାଂଲାଦେଶ ଫେରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା । ସୋମବାର ଏକ ଇ-ମେଲ୍ ସାକ୍ଷାତକାରରେ ଏଏଫପିକୁ ସେ କହିଛନ୍ତି ଯେ ନିଜ ଦେଶକୁ ଫେରିବା ପାଇଁ ସେ ନିଷ୍ପତ୍ତି ନେଇସାରିଛନ୍ତି । ମୃତ୍ୟୁଦଣ୍ଡର ଧମକ ମଧ୍ୟ ତାଙ୍କୁ ଏଥିରୁ ବିରତ କରିପାରିବ ନାହିଁ । ୭୯ ବର୍ଷୀୟା ହସିନା ବର୍ତ୍ତମାନ ଭାରତରେ ରହୁଛନ୍ତି । ୨୦୨୪ ଅଗଷ୍ଟରେ ଛାତ୍ର ଆନ୍ଦୋଳନ ତୀବ୍ର ହେବା ପରେ ହସିନାଙ୍କ ୧୫ ବର୍ଷର ଶାସନର ଅନ୍ତ ଘଟିଥିଲା । ଏହା ପରେ ସେ ଦେଶ ଛାଡ଼ି ଭାରତ ଚାଲିଆସିଥିଲେ । ସେହି ସମୟରେ ସରକାରୀ ଦମନଲୀଳାରେ ବହୁ ସଂଖ୍ୟକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ ତାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ୨୦୨୫ ନଭେମ୍ବରରେ ତାଙ୍କ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡ ଶୁଣାଇଥିଲେ । ତେବେ ହସିନା ଏହି ବିଚାର ପ୍ରକ୍ରିୟାର ବୈଧତାକୁ ଅସ୍ୱୀକାର କରିବା ସହ ରାୟକୁ ଖଣ୍ଡନ କରିଆସିଛନ୍ତି ।

ଥାଇଲାଣ୍ଡ ଫୁକେଟରେ ଅଗ୍ନିକାଣ୍ଡ: ୧୧ ମୃତ



ନୂଆଦିଲ୍ଲୀ, ୧୬।୧୧: ଥାଇଲାଣ୍ଡର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ଫୁକେଟର ପାଟୋଙ୍ଗରେ ଭୟଙ୍କର ଅଗ୍ନିକାଣ୍ଡ । ଫୁକେଟର ପର୍ଯ୍ୟଟନ ସ୍ଥଳରେ ଏକ କର୍ମସିଆଲ ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟି ୧୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୬ ଜଣ ଆହତ ହୋଇଛନ୍ତି । ଏହି କୋଠାରେ ପର୍ଯ୍ୟଟକଙ୍କ ଦିଆଯାଉଥିବା ଗାଡି ବ୍ୟବସାୟ କରାଯାଉଥିଲା । ଶୋଇଥିବା ଅବସ୍ଥାରେ ନିଆଁ ଲାଗିଯାଇଥିଲା । ଖବର ପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିୟନ୍ତ୍ରଣ କରିବାକୁ ପ୍ରାୟ ଦୁଇ ଘଣ୍ଟା ସମୟ ଲାଗିଥିଲା । ଭୋର ପ୍ରାୟ ୩:୨୦ ସମୟରେ ନିଆଁ ଲାଗିଥିଲା । ଫାଙ୍ଗ ମୁଆଙ୍ଗ ସାଇ କୋର ରୋଡ ସ୍ଥିତ ଏକ କର୍ମସିଆଲ ବିଲ୍ଡିଂରେ ନିଆଁ ଲାଗିଥିଲା । ଦେଖୁ ଦେଖୁ ନିଆଁ ତୁରନ୍ତ ଚାରିଆଡେ ବ୍ୟାପି ଯାଇଥିଲା ।

ବିଲକିସ୍ ବାନୋ ଗଣଦୁଷ୍କର୍ମ ମାମଲା: ୨ ଦୋଷୀଙ୍କୁ ମିଳିଲା ଜାମିନ



ନୂଆଦିଲ୍ଲୀ, ୧୬।୧୧: ଚର୍ଚ୍ଚିତ ବିଲକିସ୍ ବାନୋ ଗଣଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦୁଇଜଣ ଦୋଷୀଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି । କୋର୍ଟ ସେମାନଙ୍କ ସଜା ଉପରେ ରୋକ୍ ଲଗାଇ କହିଛନ୍ତି ଯେ ଉଭୟ ଦୋଷୀ ଜେଲରେ ୧୭ ବର୍ଷରୁ ଅଧିକ ସମୟ ବିତାଇସାରିଛନ୍ତି । ଏହାସହିତ, ଖଣ୍ଡପୀଠ ଏହି ତଥ୍ୟକୁ ମଧ୍ୟ ବିଚାରକୁ ନେଇଛନ୍ତି ଯେ ସେମାନଙ୍କ ମଧ୍ୟରୁ ଜଣେ ଦୋଷୀ ଗମ୍ଭୀର ଭାବେ ଦିବ୍ୟାଙ୍ଗ ଅଛନ୍ତି । ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି. ଭାରାଲେଙ୍କ ଖଣ୍ଡପୀଠ ଅକ୍ଟୋବର ୨୮ ତାରିଖରେ ଉଭୟ ଦୋଷୀଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଉଭୟେ ବମ୍ବେ ହାଇକୋର୍ଟଙ୍କ ୨୦୧୭ ମସିହାର ସେହି ରାୟକୁ ଚ୍ୟାଲେଞ୍ଜ କରିଥିଲେ, ଯେଉଁଥିରେ ସେମାନଙ୍କ ଦୋଷୀ ସାବ୍ୟସ୍ତ ଏବଂ ଆଜୀବନ କାରାଦଣ୍ଡକୁ ବଳବତ୍ତ ରଖାଯାଇଥିଲା । ସୁପ୍ରିମକୋର୍ଟରୁ ଜାମିନ ପାଇଥିବା ଉଭୟ ଦୋଷୀ ସେହି ୧୧ ଜଣ ଦୋଷୀଙ୍କ ମଧ୍ୟରେ ସାମିଲ ଅଛନ୍ତି, ଯେଉଁମାନଙ୍କୁ ଗୁଜରାଟ ସରକାର ଅଗଷ୍ଟ ୨୦୨୨ରେ ନିର୍ଦ୍ଧାରିତ ସମୟ ପୂର୍ବରୁ ମୁକ୍ତ କରିଥିଲେ । କିନ୍ତୁ ଜାନୁଆରୀ ୨୦୨୪ରେ ସୁପ୍ରିମକୋର୍ଟ ଏହି ୧୧ ଜଣଙ୍କ ସମୟପୂର୍ବରୁ ମୁକ୍ତି ଆଦେଶକୁ ରଦ୍ଦ କରିଦେଇଥିଲେ । ଏହାପରେ ସମସ୍ତ ଦୋଷୀଙ୍କୁ ପୁଣିଥରେ ଜେଲକୁ ଫେରିବାକୁ ପଡ଼ିଥିଲା । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ସେମାନଙ୍କ ଆଦେଶରେ କହିଛନ୍ତି ଯେ, ଉଭୟ ଆବେଦନକାରୀଙ୍କୁ ୧୭ ବର୍ଷରୁ ଅଧିକ ସମୟ ପାଇଁ ହାଜତରେ ରଖାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗ । ଆବେଦନରେ ତଥ୍ୟ ଏବଂ ଆଇନ ଉଭୟ ଦୃଷ୍ଟିରୁ ଏପରି କିଛି ପ୍ରସଙ୍ଗ ରହିଛି ଯାହା ଉପରେ ଶୁଣାଣି ଏବଂ ନିଷ୍ପତ୍ତି ହେବା ବାକି ଅଛି ବୋଲି କୋର୍ଟ ଗ୍ରହଣ କରିଛନ୍ତି ।

ପ୍ରଧାନ ବିଚାରପତିଙ୍କୁ ଓକିଲଙ୍କ ବ୍ୟକ୍ତିଗତ ଆକ୍ଷେପ

'ତୁମେ ଏହି ଚୌକିରେ ବସିବାକୁ ଯୋଗ୍ୟ ନୁହଁ'

ନୂଆଦିଲ୍ଲୀ, ୧୬।୧୧: ସୁପ୍ରିମକୋର୍ଟର କୋର୍ଟ ରୁମ୍ ନମ୍ବର ୧ରେ ସୋମବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ସମ୍ମୁଖରେ ଜଣେ ଓକିଲ ନିଜ ଆବେଦନର ଶୁଣାଣିରେ ବିଳମ୍ବକୁ ନେଇ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ । ଏପରିକି ସେ ପ୍ରଧାନ ବିଚାରପତିଙ୍କୁ ଏହି ଚୌକିରେ ବସିବାକୁ ଯୋଗ୍ୟ ନୁହଁ ବୋଲି କହିବା ସହ ତାଙ୍କ ସଚ୍ଚୋଟତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଏହାପରେ ତୁରନ୍ତ କୋର୍ଟ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା । କୋର୍ଟର ସୁରକ୍ଷାକର୍ମୀ ଓକିଲଙ୍କୁ ସେଠାରୁ ବାହାର କରିଦେଇଥିଲେ । ରିପୋର୍ଟ ଅନୁଯାୟୀ, ଅବମାନନା ମାମଲାରେ ଅଭିଯୁକ୍ତ ଥିବା ଏହି ଓକିଲ ନିଜ ମାମଲାର ତୁରନ୍ତ ଶୁଣାଣି ପାଇଁ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍ଚୀ ଓ ଜଷ୍ଟିସ୍ ଭି ମୋହନାଙ୍କ ଖଣ୍ଡପୀଠଙ୍କ ନିକଟରେ ଆବେଦନ କରିଥିଲେ । ତାଙ୍କ ମାମଲା ନଭେମ୍ବର ୨ରେ ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟରେ ରଖାଯାଇଥିଲେ ମଧ୍ୟ ୧୫ ଦିନ ପରେ କୌଣସି ଉତ୍ତର ମିଳିନଥିବା ସେ କହିଥିଲେ । ତେଣୁ ତାଙ୍କୁ ନିଜେ କୋର୍ଟକୁ ଆସିବାକୁ ପଡ଼ିଲା ବୋଲି ସେ ଯୁକ୍ତି ଦର୍ଶାଇଥିଲେ । ତେବେ ଆରମ୍ଭରେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିନଥିବାରୁ ସେ କ୍ଷମା ମାଗିବା ସହ ଜରୁରୀ ପରିସ୍ଥିତି ଯୋଗୁଁ ଏପରି କରିଥିବା କହିଥିଲେ ।

୧୩୩୬ ଡ୍ରୋନ ମାଡରେ ଥରିଲା ରୁଷ

ନିଶାଣରେ କ୍ରିମିଆ ସେତୁ



ନୂଆଦିଲ୍ଲୀ, ୧୬।୧୧: ରୁଷ୍ ଉପରେ ୟୁକ୍ରେନର ବଡ଼ଧରଣର ଡ୍ରୋନ୍ ଆକ୍ରମଣ। ଗୋଟିଏ ରାତିରେ ୧୩୩୬ଟି ଡ୍ରୋନ୍ ଆକ୍ରମଣ ହୋଇଥିବା ଦାବି କରିଛି ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ। ଏହି ଆକ୍ରମଣରେ ରୁଷ୍ ଅଧିକୃତ କ୍ରିମିଆ ଉପଦ୍ୱୀପକୁ ରୁଷ୍ ସହ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ କ୍ରିମିଆ ସେତୁକୁ ମଧ୍ୟ ଟାର୍ଗେଟ କରାଯାଇଛି । ଅନ୍ୟପଟେ ମସ୍କୋ ଆଡ଼କୁ ଆସୁଥିବା ପ୍ରାୟ ୬୦୦ ଡ୍ରୋନ୍ରୁ ରୋକାଯାଇଥିବା କହିଛନ୍ତି ମସ୍କୋ ମେୟର। ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟର କହିବା ଅନୁସାରେ, ନଭେମ୍ବର ୧୫ ରାତିରୁ ୧୬ ତାରିଖ ସକାଳ ମଧ୍ୟରେ ୟୁକ୍ରେନ୍ ପକ୍ଷରୁ ଏହି ଡ୍ରୋନ୍ ଆକ୍ରମଣ କରାଯାଇଥିଲା । ରୁଷର ୧୬ଟି ଅଞ୍ଚଳ ସମେତ କ୍ରିମିଆ ଏବଂ କଳା ସାଗର ଓ ଆଜୋଭ୍ ସାଗର ଅଞ୍ଚଳରେ ଡ୍ରୋନକୁ ଡ଼ିକୁ ଠାବ କରି ନଷ୍ଟ କରାଯାଇଥିବା ମସ୍କୋ ଦାବି କରିଛି । ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ୟୁକ୍ରେନର ସବୁଠାରୁ ବଡ଼ ରାତ୍ରିକାଳୀନ ଡ୍ରୋନ୍ ଆକ୍ରମଣ ବୋଲି ରିପୋର୍ଟରେ କୁହାଯାଇଛି । ଏହି ଆକ୍ରମଣରେ କ୍ରିମିଆକୁ ରୁଷର କ୍ରାସ୍ନୋଦର୍ ଅଞ୍ଚଳ ସହ ସଂଯୋଗ କରୁଥିବା କେର୍ଚ୍ଚ ସେତୁକୁ ଟାର୍ଗେଟ କରାଯାଇଥିବା କହିଛନ୍ତି କ୍ରିମିଆର ରୁଷ୍ ନିଯୁକ୍ତ ଗଭର୍ଣ୍ଣର ସେର୍ଗେଇ ଆକ୍ସିଓନୋଭ୍ । ସେତୁରେ କ୍ଷୟକ୍ଷତି ହୋଇଥିବାରୁ ମରାମତି କାର୍ଯ୍ୟ ପାଇଁ ରାସ୍ତାରେ ଯାନବାହନ ଚଳାଚଳକୁ ସାମୟିକ ଭାବେ ବନ୍ଦ ରଖାଯାଇଥିଲା । ତେବେ କ୍ଷୟକ୍ଷତି ସାମାନ୍ୟ ଥିବା କ୍ରେମଲିନ୍ ପକ୍ଷରୁ କୁହାଯାଇଛି । ରେଳ ଚଳାଚଳ ସ୍ୱାଭାବିକ ରହିଥିବା ରୁଷ୍ ପରିବହନ ମନ୍ତ୍ରଣାଳୟ ସୂଚନା ଦେଇଛି । ସେପଟେ ମସ୍କୋ ମେୟର ସେର୍ଗେଇ ସୋବିୟାନିନ୍ଙ୍କ ଅନୁସାରେ, ରାଜଧାନୀ ମସ୍କୋ ଆଡ଼କୁ ପ୍ରାୟ ୬୦୦ ଡ୍ରୋନ୍ ଆସୁଥିଲା । ଏଥିମଧ୍ୟରୁ ଅଧିକାଂଶକୁ ଦୂରରୁ ହିଁ ରୁଷର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ନଷ୍ଟ କରିଦେଇଥିବା ସେ କହିଛନ୍ତି । ମସ୍କୋ ନିକଟରେ ୧୯୧ଟି ଡ୍ରୋନକୁ ନଷ୍ଟ କରାଯାଇଥିବା ମଧ୍ୟ ସେ ସୂଚନା ଦେଇଛନ୍ତି । ଏହାର କିଛି ଘଣ୍ଟା ପୂର୍ବରୁ ୟୁକ୍ରେନ୍ ପକ୍ଷରୁ ରୁଷର ପେଟ୍ରୋକେମିକାଲ୍ କାରଖାନା, ତୈଳ ବିଶୋଧନାଗାର ଏବଂ ସାମରିକ ଉତ୍ପାଦନ କେନ୍ଦ୍ରକୁ ଟାର୍ଗେଟ କରାଯାଇଥିବା ରିପୋର୍ଟ ହୋଇଛି ।

ଟିଭିଏସ୍ ପରିବାରରେ ସମ୍ପତ୍ତି ବିବାଦ

ଭାଗବଣ୍ଟା ଦାବି କଲେ ଲକ୍ଷ୍ମୀ ବେଣୁ

ଚେନ୍ନାଇ, ୧୬।୧୧: ଭାରତର ପ୍ରତିଷ୍ଠିତ ଶିଳ୍ପପତି ପରିବାର ଟିଭିଏସରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିବାଦ ତୀବ୍ର ହୋଇଛି । ପରିବାରର ସଦସ୍ୟ ଲକ୍ଷ୍ମୀ ବେଣୁ ସମ୍ପତ୍ତି ଭାଗବଣ୍ଟା ପାଇଁ ଦାବି କରି ଆଇନଗତ ନୋଟିସ୍ ପଠାଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ପରିବାରର ସମ୍ପତ୍ତିରେ ତାଙ୍କ ଭାଇ ସୁଦର୍ଶନ ବେଣୁଙ୍କୁ ଅଧିକ ଅଧିକାର ଦିଆଯାଇଛି । ତାଙ୍କୁ ନିଜର ଆଇନଗତ ଅଧିକାରରୁ ବଞ୍ଚିତ କରାଯାଇଛି । ତେଣୁ ସେ ୧୯୫୬ର ହିନ୍ଦୁ ଉତ୍ତରାଧିକାର ଆଇନର ୨୦୦୫ରେ ସଂଶୋଧିତ ଧାରା ୬ ଅନୁଯାୟୀ ସମ୍ପତ୍ତିରେ ପୁଅଙ୍କ ସହ ଝିଅମାନଙ୍କ ସମାନ ଅଧିକାର ଥିବା ଦର୍ଶାଇଛନ୍ତି । ଏହି ବିବାଦର ମୁଖ୍ୟ କାରଣ ୨୦୨୪ ମାର୍ଚ୍ଚ ୨୧ରେ ପରିବାରରେ ହୋଇଥିବା ଏକ ଚୁକ୍ତି । ଏଥିରେ ବେଣୁ ଶ୍ରୀନିବାସନ, ତାଙ୍କ ପତ୍ନୀ ମଲ୍ଲିକା ଶ୍ରୀନିବାସନ ଓ ଦୁଇ ସନ୍ତାନ ଲକ୍ଷ୍ମୀ ଓ ସୁଦର୍ଶନ ସ୍ୱାକ୍ଷର କରିଥିଲେ । ତେବେ ଏହି ଚୁକ୍ତିରେ ପରିବାରର ସମ୍ପତ୍ତି ଭାଗବଣ୍ଟା ହୋଇ ନଥିବା ଲକ୍ଷ୍ମୀଙ୍କ ପକ୍ଷରୁ କୁହାଯାଇଛି । ଏହି ବିବାଦରେ ଲକ୍ଷ୍ମୀଙ୍କ ମା' ମଲ୍ଲିକା ଶ୍ରୀନିବାସନ ଝିଅଙ୍କୁ ସମର୍ଥନ କରିଛନ୍ତି । ପୁଅ ଓ ଝିଅଙ୍କ ପରିବାର ସମ୍ପତ୍ତିରେ ସମାନ ଅଧିକାର ରହିଛି ଏବଂ ଲକ୍ଷ୍ମୀଙ୍କ ମଧ୍ୟ ସୁଦର୍ଶନଙ

ବନ୍ଧୁକ ମୁନରେ ଦାଦାବଟି ଆଦାୟ, 'କୁମ୍ଭଟୁଆ' ଗିରଫ

ଭୁବନେଶ୍ୱର(ନି.ପ୍ର): ପିତାପଲ୍ଲୀ-ମେଣ୍ଢାଶାଳ ରାସ୍ତାରେ ଏକ ଜେସିବି ଓ ଦୁଇଟି ହାଇୱା ଟ୍ରକ୍‌କୁ ଅଟକାଇ ବନ୍ଧୁକ ମୁନରେ ଦାଦାବଟି ମାଗିବା ଅଭିଯୋଗରେ ଇନଫୋଭ୍ୟାଲି ପୋଲିସ ଜଣେ କୁଖ୍ୟାତ ଅପରାଧୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଦୀପକ କୁମାର ପ୍ରଧାନ ଓରଫ୍ କୁମ୍ଭଟୁଆ ଓରଫ୍ ଦୀପୁ (୩୩)। ସେ ଜଣେ କୁଖ୍ୟାତ ଅଭ୍ୟାସଗତ ଅପରାଧୀ ତଥା ସଂଗଠିତ ଅପରାଧ ଗ୍ୟାଙ୍ଗର ସଦସ୍ୟ ବୋଲି ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତ ନିକଟରୁ ଦୁଇଟି ଦାମୀ ସ୍ମାର୍ଟଫୋନ୍ ଏବଂ ଗୋଟିଏ ଫୋଲ୍ଡେବଲ୍ ଛୁରୀ ଜବତ କରାଯାଇଛି। ଏହି ମାମଲାରେ ପୂର୍ବରୁ ଦୁଇ ଜଣ ସହ-ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଖୋର୍ଦ୍ଧା ମଡେଲ୍ ଥାନା ତୋଟାପଡ଼ା ଗ୍ରାମର ଅଭିଯୋଗକାରୀ ସେକ୍ ରେହମତ୍ ଅଲ୍ଲୀଙ୍କର ଗୋଟିଏ ଜେସିବି ଏବଂ ଦୁଇଟି ହାଇୱା ଟ୍ରକ୍ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଥିଲା। ଗତ ୨୯.୦୬.୨୦୨୬ ତାରିଖ ଭୋର ପ୍ରାୟ ୦୪.୦୦ରୁ ୦୪.୧୦ ମିନିଟ୍ ମଧ୍ୟରେ ଡ୍ରାଇଭର ମାନେ ଉକ୍ତ ଗାଡ଼ିଗୁଡ଼ିକୁ ନେଇ ପିତାପଲ୍ଲୀରୁ ମେଣ୍ଢାଶାଳ ଅଭିମୁଖେ ଯାଉଥିବା ବେଳେ ପିତାପଲ୍ଲୀ କ୍ୱାରୀ ରୋଡ୍ ନିକଟରେ ଏକ କଳା ରଙ୍ଗର ମହିନ୍ଦ୍ରା ସ୍କର୍ପିଓ ଓ ସ୍ୱିଫ୍ଟରେ ଆସିଥିବା ପ୍ରାୟ ୧୫ ଜଣ ସଶସ୍ତ୍ର ଦୁର୍ବୃତ୍ତଙ୍କ ଏକ ସଂଗଠିତ ଗ୍ୟାଙ୍ଗ ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ବନ୍ଧୁକ, ଖଣ୍ଡା, ଟାଙ୍ଗିଆ ଓ ଲୁହା ରଡ୍ ଆଦି ମାରଣାସ୍ତ୍ର ଦେଖାଇ ଡ୍ରାଇଭରମାନଙ୍କୁ ନିଷ୍ଠୁର ମାଡ଼ ମାରିଥିଲେ ଏବଂ ଗୁଳି କରି ମାରିଦେବାର ଭୟ ଦେଖାଇ ସେମାନଙ୍କ ନିକଟରୁ ନଗଦ ୪୦,୦୦୦/- ଟଙ୍କା ଓ ୩ଟି ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଗାଡ଼ିଗୁଡ଼ିକୁ ଜୋରଜବରଦସ୍ତ ଓ୍ୱାଣ୍ଡରଲା ପାର୍କ ପଛପଟକୁ ନେଇଯାଇଥିଲେ ଏବଂ ସେଠାରେ ଡ୍ରାଇଭରମାନଙ୍କୁ ଅଟକ ରଖି ମାଲିକଙ୍କୁ ଫୋନ୍ କରିବାକୁ ବାଧ୍ୟ କରିଥିଲେ। ଫୋନ୍ ଯୋଗେ ସେମାନେ ୨,୦୦,୦୦୦/- ଟଙ୍କା ଦାଦାବଟି ଦାବି କରିବା ସହ ଟଙ୍କା ନଦେଲେ ଗାଡ଼ିଗୁଡ଼ିକୁ ନିଆଁ ଲଗାଇ ପୋଡ଼ିଦେବାକୁ ଓ ଡ୍ରାଇଭରମାନଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ପାଡ଼ିତମାନଙ୍କ ବହୁ କାକୁତିମିନତି ପରେ ଅଭିଯୁକ୍ତମାନେ ସେଠାରୁ ଚାଲିଯିବାରୁ ଡ୍ରାଇଭରମାନେ ଗାଡ଼ି ସହ ଖସି ଆସିଥିଲେ। ଏନେଇ ଅଭିଯୋଗକାରୀଙ୍କ ଲିଖିତ ଏତଲା କ୍ରମେ ଇନ୍‌ଫୋଭ୍ୟାଲି ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଏହି ମାମଲାରେ ପୋଲିସ ପୂର୍ବରୁ ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ୍ ଥାନା ଅଞ୍ଚଳର ଦୁଇ ସହ-ଅଭିଯୁକ୍ତ ସୁବ୍ରତ କୁମାର ପାଟ୍ଟଶାଣୀ ଓରଫ୍ ଶିବୁ (୨୦) ଏବଂ ଶିବରାମ ମହାରଣା (୨୭) ଙ୍କୁ ମାରଣାସ୍ତ୍ର ଓ ମୋବାଇଲ୍ ଫୋନ୍ ସହ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଫେରା ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ଆଜି ସକାଳ ପ୍ରାୟ ୦୬.୩୦ ମିନିଟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ପିତାପଲ୍ଲୀ-ଚନ୍ଦକା ରୋଡ୍ ସ୍ଥିତ ଲତା ଭୁଆସୁଣୀ ମନ୍ଦିର ନିକଟରେ ଚଢ଼ାଉ କରି ଅଭିଯୁକ୍ତ ଦୀପକ କୁମାର ପ୍ରଧାନ ଓରଫ୍ କୁମ୍ଭଟୁଆ ଓରଫ୍ ଦୀପୁକୁ କାବୁ କରିଥିଲା। ଯାଞ୍ଚ ବେଳେ ତା' ନିକଟରୁ ଗୋଟିଏ ଆଇଫୋନ୍ ୧୭ ପ୍ରୋ ମ୍ୟାକ୍ସ, ଗୋଟିଏ ସାମସଙ୍ଗ୍ ଜେଡ୍ ଫୋଲ୍ଡ-୭ ସ୍ମାର୍ଟଫୋନ୍ ଏବଂ ଗୋଟିଏ ଫୋଲ୍ଡେବଲ୍ ଛୁରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦୀପକ କୁମାର ପ୍ରଧାନ ଓରଫ୍ କୁମ୍ଭଟୁଆ ଜଣେ କୁଖ୍ୟାତ ଅଭ୍ୟାସଗତ ଅପରାଧୀ। ତା' ନାମରେ ପୂର୍ବରୁ ଖୋର୍ଦ୍ଧା ଓ ଇନ୍‌ଫୋଭ୍ୟାଲି ଥାନାରେ ୫ଟି ସାଂଘାତିକ ଡକାୟତି, ହତ୍ୟା ଉଦ୍ୟମ, ବେଆଇନ୍ ଅସ୍ତ୍ରଶସ୍ତ୍ର ଓ ଖଣିଜ ଚୋରି ମାମଲା ରହିଛି। ସୋମବାର ପୂର୍ବାହ୍ନରେ ଅଭିଯୁକ୍ତକୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ସଂଗଠିତ ଗ୍ୟାଙ୍ଗର ଅନ୍ୟ ଫେରା ଅଭିଯୁକ୍ତମାନଙ୍କୁ ଗିରଫ କରିବା ଏବଂ ଲୁଟ୍ ନଗଦ ଟଙ୍କା ଓ ମୋବାଇଲ୍ ଉଦ୍ଧାର କରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।

ରାଜଧାନୀରେ ବାଣ ବିସ୍ଫୋରଣ: ଜଣେ ଗୁରୁତର

ଭୁବନେଶ୍ୱର(ନି.ପ୍ର): ରାଜଧାନୀରେ ବାଣ ବିସ୍ଫୋରଣ ଘଟିଛି। ଘରେ ରଖିଥିବା ବେଳେ ବାଣ ବିସ୍ଫୋରଣ ହେବାରୁ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଆହତଙ୍କୁ ଉଦ୍ଧାର କରିଥିବା ବେଳେ ଅଗ୍ନିଶମବାହିନୀ ନିଆଁକୁ ଆୟତ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଭୁବନେଶ୍ୱର ଲକ୍ଷ୍ମୀସାଗର ଶନିଶ୍ଚର ମନ୍ଦିର ନିକଟରେ ରହୁଥିବା ଅରବିନ୍ଦ ମହାନ୍ତିଙ୍କ ଘରେ କିଛି ବାଣ ରଖିଥିଲେ। ବାଣଗୁଡିକ ଫ୍ରିଜ ପାଖରେ ରହିଥିଲା। ହେଲେ ଆଜି ହଠାତ ବାଣ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଫଳରେ ଅରବିନ୍ଦ ମହାନ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏହି ବିସ୍ଫୋରଣରେ ଘରର କିଛି ଆସବାବପତ୍ର ମଧ୍ୟ ନିଆଁରେ ପୋଡ଼ି ଯାଇ କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏ ସଂପର୍କରେ ଭୁବନେଶ୍ୱର ଆସିଷ୍ଟାଣ୍ଟ ଫାୟାର ଅଫିସର ଜିତେନ୍ଦ୍ର ଦାସ କହିଛନ୍ତି, 'ଦିନ ପ୍ରାୟ ୨ଟା ବେଳେ ଆମ ପାଖକୁ ଖବର ଆସିଥିଲା । ଏହି ଘରେ ଅଳ୍ପ ପରିମାଣର ବାଣ ଗଚ୍ଛିତ କରି ରଖାଯାଇଥିଲା। ଆମ ଟିମ୍ ଅଳ୍ପ ସମୟ ମଧ୍ୟରେ ନିଆଁ ଆୟତ କରିବାକୁ ସକ୍ଷମ ହୋଇଥିଲା। ଲକ୍ଷ୍ମୀସାଗର ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି, 'ଏହି ଅଘଟଣରେ ଜଣେ ଆହତ ହୋଇଥିବା ବେଳେ ଘରର ଅନ୍ୟ ସଦସ୍ୟ ବାହାରକୁ ଚାଲି ଆସିଥିଲେ। ପରିବାର ସଦସ୍ୟମାନେ ଗୋଟିଏ ରୁମରେ ଚଳପ୍ରଚଳ କରିବା ସହ ସେଠାରେ ରୋଷେଇ ଘର ମଧ୍ୟ ରହିଛି । ସେମାନେ ଦୀପାବଳିରେ ବଳିଥିବା ବାଣକୁ ଘରେ ଥିବା ଫ୍ରିଜ କଡ଼ରେ ରଖିଥିଲେ। ତେବେ ଅତ୍ୟଧିକ ଉତ୍ତାପ ଯୋଗୁଁ ବାଣଗୁଡ଼ିକ ହଠାତ୍ ବିସ୍ଫୋରଣ ହେବାକୁ ଲାଗିଥିଲା।

ଯୁବତୀଙ୍କ ସହ ଅନୈତିକ ସମ୍ପର୍କ ରଖିବାକୁ ବାଧ କରି ଯୁବକ ଗିରଫ

ଭୁବନେଶ୍ୱର(ନି.ପ୍ର) : ଅନଲାଇନ୍ ପ୍ଲାଟଫର୍ମ ଜରିଆରେ ପରିଚୟ ହେବା ପରେ ଅନୁପଯୁକ୍ତ ସଂପର୍କ ରଖିବାକୁ ବାଧ୍ୟ କରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ସଂପର୍କ ଛିନ୍ନ କରିବା ପରେ ସମ୍ମାନହାନି କରିବା ଉଦ୍ଦେଶ୍ୟରେ ମିଥ୍ୟା ଅପପ୍ରଚାର ଚଳାଇଥିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରୂପମ ସରକାର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଏୟାରପୋର୍ଟ ଥାନା ଯୁନିଟ୍-୬ ଗଙ୍ଗନଗର ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀଙ୍କ ସହ କେନ୍ଦୁଝର ଟାଉନ୍ ଥାନା ତୁଳସୀଚଉରା ଗ୍ରାମର ୨୨ ବର୍ଷୀୟ ଅଭିଯୁକ୍ତ ରୂପମ ସରକାରଙ୍କର ଗତ ୨୦୨୧ ମସିହାରେ ଏକ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ପରିଚୟ ହୋଇଥିଲା। କଥାବାର୍ତ୍ତା ସମୟରେ ଅଭିଯୁକ୍ତ ଯୁବତୀଙ୍କୁ ବାରମ୍ବାର ଅନୁଚିତ ସଂପର୍କ ରଖିବାକୁ ବାଧ୍ୟ କରିଥିଲା। ଯୁବତୀ ଜଣକ ଏଥିରେ ରାଜି ନହେବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ଘର ଓ ସ୍ଥାନୀୟ ଅଞ୍ଚଳରେ ଚଢ଼ାଉ କରି ରୂପମ ସରକାରକୁ କାବୁ କରିଥିଲା। ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର କରିବା ପରେ ଗତକାଲି ତା ୧୫.୧୧.୨୦୨୬ ରାତିରେ ତାକୁ ବିଧିବଦ୍ଧ ଭାବେ ଗିରଫ କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ସୋମବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

ମହାନଦୀରେ ବୁଡ଼ିଯାଇ ନାବାଳକଙ୍କ ମୃତ

ଆଠଗଡ଼: ମହାନଦୀରେ ଗାଧୋଇବା ହେଲା କାଳ। ମହାନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରେ ଘଟିଛି ଏହି ଅଘଟଣ। ମୃତ ନାବାଳକ ଜଣକ ବିଡ଼ାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳର ଇରଫାନ ଅଲ୍ଲୀ । ତିନି ଜଣ ସାଙ୍ଗ ସ୍ଥୁଟିରେ ଧବଳେଶ୍ୱର ତାପେଷ୍ଟା ମହାନଦୀ ଘାଟକୁ ଗାଧୋଇବା ପାଇଁ ଆସିଥିଲେ। ତେବେ ଗାଧୋଇବା ସମୟରେ ଜଣଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ବୁଡ଼ି ଯାଇଥିଲେ। ଖବରପାଇ ବିଡ଼ାନାସୀ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ପରେ ନାବାଳକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ତୁରନ୍ତ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ହାଇସ୍କୁଲ ଡ୍ରେସ ପିନ୍ଧିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଚୌଦ୍ୱାର ଓ ଗୁରୁଡ଼ିଝାଟିଆ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ନାବାଳକଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ତେଲକୋଇ ଦୁଷ୍କର୍ମ ମାମଲା: ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ତେଲକୋଇରେ ଦୁଷ୍କର୍ମ ପୀଡ଼ିତାଙ୍କ ମୃତ୍ୟୁ ଘଟଣାକୁ ନେଇ ତଦନ୍ତ ଜୋରଦାର କରିଛି ପୁଲିସ । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଜଣେ ଡିଏସ୍‌ପି ଓ ୩ ଜଣ ଇନ୍‌ସପେକ୍ଟରଙ୍କ ନେତୃତ୍ୱରେ ଏହି ଟିମ୍‌ଗୁଡ଼ିକ କାର୍ଯ୍ୟ କରୁଛନ୍ତି । କେନ୍ଦୁଝର ଏସ୍‌ପିଙ୍କ ସୂଚନା ଅନୁସାରେ, ଗତ ୧୦ ତାରିଖରେ ଏହି ଘଟଣା ଘଟିଥିଲା । ପ୍ରଥମେ ପରିବାର ଲୋକେ ଏହାକୁ ଦୁର୍ଘଟଣା ବୋଲି କହି ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ୧୫ ତାରିଖରେ ପୀଡ଼ିତାଙ୍କ ସମ୍ପର୍କୀୟ ଦିଅର ଦୁଷ୍କର୍ମ ଓ ମରଣାନ୍ତକ ଆକ୍ରମଣ ନେଇ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ହେବା ପରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।

ଚେନ ଲୁଟେରାଙ୍କୁ ନିର୍ଧୂମ ପିଟିଲେ ଲୋକେ



କେନ୍ଦ୍ରାପଡା: ବାଇକରେ ଯାଉଥିଲେ ମହିଳା। ଏହି ସମୟରେ ଅନ୍ୟ ଏକ ବାଇକରେ ୨ ଜଣ ଲୁଟେରା ଆସି ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ତେବେ ୨ ଲୁଟେରାଙ୍କୁ ସ୍ଥାନୀୟ ଲୋକ କାବୁକରି ନିର୍ଧୂମ ପିଟିଥିଲେ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଘଟଣା ଘଟିଛି । ସ୍ଥାନୀୟ ସୁଜାନଗର ଗାଁର ନମିତା ପାଣି ସ୍ୱାମୀଙ୍କ ସହ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଦଣ୍ଡାମୁଣ୍ଡ ଛକରେ ପଛପଟୁ ଏକ ବାଇକ୍‌ରେ ଦୁଇ ଲୁଟେରା ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଦ୍ରୁତଗତିରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ତେବେ ଏହି ଲୁଟ୍ ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଲୁଟେରା ଦୁହିଁଙ୍କୁ କାବୁକରି ନିଷ୍ଠୁର ମାଡ଼ ମାରିଥିଲେ। ଅନ୍ୟପକ୍ଷରେ ଲୁଟ ସମୟରେ ଦଂଶତି ବାଇକରୁ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ । ବାଇକ୍‌ଟି ଛିଟିକି ଯାଇ ଏକ ଟ୍ରକ୍ ତଳେ ପଡ଼ିଥିଲା । ତେବେ ସୌଭାଗ୍ୟବଶତଃ ଦଂଶତିଙ୍କ ବିଶେଷ କିଛି ହୋଇ ନ ଥିବା ବେଳେ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଦୁଇ ଲୁଟେରାଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲେ।

ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ତାଳଚେର(ନିପ୍ର): ବ୍ରାହ୍ମଣୀ ନଦୀରେ ନିଖୋଜ ଥିବା ମତ୍ସ୍ୟଜୀବୀ ରଞ୍ଜନ ବେହେରାଙ୍କ ମୃତଦେହ ଦୀର୍ଘ ୪୦ ଘଣ୍ଟାରୁ ଊର୍ଦ୍ଧ୍ୱ ଖୋଜାଖୋଜି ପରେ ଉଦ୍ଧାର କରାଯାଇଛି। ମୃତକଙ୍କ ଘର ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏକଘରିଆ ଗ୍ରାମରେ। ସୂଚନା ଅନୁଯାୟୀ, ଗତ ଶନିବାର ରାତିରେ ରଞ୍ଜନ ମାଛ ଧରିବାକୁ ଡଙ୍ଗାରେ ନଦୀକୁ ଯାଇ ନିଖୋଜ ହୋଇଯାଇଥିଲେ। ଖବର ପାଇ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ ନିଖୋଜ ସ୍ଥାନଠାରୁ ପ୍ରାୟ ୫ କିଲୋମିଟର ଦୂର ଗୁରଜାଙ୍ଗ ଶ୍ମଶାନ ଘାଟ ନିକଟରୁ ତାଙ୍କ ମୃତଦେହ ଠାବ ହୋଇଥିଲା। ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ମୃତଦେହ ଉଦ୍ଧାର କରିଥିଲେ।

ଅଜଣା ଗାଡି ଧକ୍କାରେ ୨ ଗୁରୁତର

ପିପିଲି(ନିପ୍ର): ସାତଶଙ୍ଖ ଫାଣ୍ଡି ସମ୍ମୁଖରେ ଏକ ଅଜଣା ଗାଡି ଧକା ଦେବାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକ ଚିକିତ୍ସା ପାଇଁ ଏକ ଅଟୋ ଯୋଗେ ସାକ୍ଷୀଗୋପାଳ ପଠାଇଛନ୍ତି । ଦୁଇ ଜଣ ବ୍ୟକ୍ତି ସାକ୍ଷୀଗୋପାଳଠାରୁ ପିପିଲି ଅଭିମୁଖେ ଯାଉଥିବା ବେଳେ ସୋମବାର ସନ୍ଧ୍ୟା ସମୟରେ ଏକ ଅଜଣା ଗାଡି ପଛରୁ ଶକ୍ତ ଧକାଦେଇ ପଳାଇ ଯାଇଥିଲା । ଯାହା କି ଉଭୟ ରାସ୍ତା ଉପରେ ପଡିଥିବା ଦେଖି ଉଦ୍ଧାର କରି ସାତଶଂଖ ଫାଣ୍ଡିକୁ ଜଣାଇଥିଲେ । ଉଭୟ ଆହତଙ୍କ ପରିଚୟ ଜଣାପଡି ନଥିବା ସ୍ଥାନୀୟ ଲୋକ କହିଛନ୍ତି ।

ଜ୍ୱାଇଁଙ୍କୁ ଜୀବନ୍ତ ଜାଳିଦେଲେ !

ରାଇକିଆ: ଶ୍ୱଶୁର ଘର ପହଞ୍ଚିବା ପୂର୍ବରୁ ଜ୍ୱାଇଁଙ୍କୁ ଜୀବନ୍ତ ଜାଳିଦେଇଛନ୍ତି ଦୁର୍ବୃତ୍ତ,ଏପରି ଚର୍ଚ୍ଚା ଏଠାରେ ଆରମ୍ଭ ହୋଇଛି। ରବିବାର ବିଳମ୍ବିତ ରାତିରେ ବାପ ଘରେ ଥିବା ସ୍ତ୍ରୀକୁ ଆଣିବାକୁ କରଡ଼ା ପଞ୍ଚାୟତ ମହୁଲପାଲି ସ୍ଥିତ ଶ୍ୱଶୁର ଘରକୁ ନିଜ କାର ଯୋଗେ ଆସୁଥିଲେ ସ୍ୱାମୀ। ତେବେ କନ୍ଧମାଳ ଜିଲ୍ଲା ରାଇକିଆ ଥାନା କରଡ଼ା ପଞ୍ଚାୟତ ସୁନାପାଲି ଗାଁ ନିକଟ ମୁଖ୍ୟ ରାସ୍ତା କଡ଼ରେ ତାଙ୍କ କାର୍ ଜଳିଥିବା ସ୍ଥିତିରେ ଠାବ ହୋଇଥିଲା। ମୃତ ବ୍ୟକ୍ତି ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଦାନ୍ତଲିଙ୍ଗ ଗାଁର ଗଙ୍ଗା ନାୟକ। ଗଙ୍ଗା ସୋରଡ଼ା ଷ୍ଟେଟ ବ୍ୟାଙ୍କ ନିକଟରେ ଗୋଟିଏ ଛୋଟିଆ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ସଂସ୍ଥା ଚଳାଉଥିଲେ। ସକାଳେ କରଡ଼ା-ଗୋଛା ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡ଼ରେ ଗଙ୍ଗାଙ୍କ କାରଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ। ଜଳି ଯାଇଥିବା କାର ଭିତରେ ଗଙ୍ଗାଙ୍କ ବେକରେ ଏକ ଜିଆଇ ତାର ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। କେହି ଦୁର୍ବୃତ୍ତ ତାଙ୍କୁ ତାରରେ ଗଳା ଚିପି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବାକୁ କାରରେ ନିଆଁ ଲଗାଇ ଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ଯୁବକଙ୍କୁ ମୁଣ୍ଡକୁ ଛେଚି ହତ୍ୟା ଉଦ୍ୟମ, ବନ୍ଧା ହେଲା ଅଭିଯୁକ୍ତ

ଭୁବନେଶ୍ୱର(ନି.ପ୍ର) : ତାସ ଖେଳକୁ କେନ୍ଦ୍ର କରି ହୋଇଥିବା ବଚସାରୁ ପ୍ରତିଶୋଧ ପରାୟଣ ହୋଇ ଗାମୁଛାରେ ଇଟା ଖଣ୍ଡ ଗୁଡ଼ାଇ ଜଣେ ବ୍ୟକ୍ତିଙ୍କ ମୁଣ୍ଡକୁ ମାରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ବାବୁଲା ପ୍ରଧାନ। ଆକ୍ରମଣରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ବର୍ତ୍ତମାନ ଏକ ଘରୋଇ ଡାକ୍ତରଖାନାର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ଗିରଫ ଅଭିଯୁକ୍ତ ନିକଟରୁ ଆକ୍ରମଣରେ ବ୍ୟବହୃତ ଇଟା ଖଣ୍ଡ ଓ ଏକ ଚେକ୍ ରଙ୍ଗର ଗାମୁଛା ଜବତ କରାଯାଇଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ଅପରାହ୍ନ ପ୍ରାୟ ୦୨.୦୦ ଟାରେ ସାଲିଆ ସାହି ସ୍ଥିତ ଟ୍ରାକ୍ଟର ପଡ଼ିଆ ଗଣେଶ ମଣ୍ଡପ ନିକଟରେ କେତେକ ବ୍ୟକ୍ତି ତାସ ଖେଳୁଥିଲେ ଏବଂ ଶ୍ରୀରାମ ନଗର ଅଞ୍ଚଳର ହରିହର ବାରିକ ସେଠାରେ ବସି ଖେଳ ଦେଖୁଥିଲେ। ତାସ ବଣ୍ଟାକୁ ନେଇ ଅଭିଯୁକ୍ତ ବାବୁଲା ପ୍ରଧାନଙ୍କ ସହ ବଚସା ହେବାରୁ ହରିହର ବାରିକ ଅଭିଯୁକ୍ତଙ୍କୁ ଚାପୁଡ଼ା ମାରିଥିଲେ, ଯାହାଫଳରେ ଅଭିଯୁକ୍ତଙ୍କ ଆଖି ପାଖରେ ଆଘାତ ଲାଗିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ବାବୁଲା ପ୍ରଧାନ ସେଠାରୁ ଚାଲିଯାଇଥିଲା ଏବଂ କିଛି ସମୟ ପରେ ଏକ ଚେକ୍



ଭୁବନେଶ୍ୱର: ବିମାନ ବନ୍ଦରରେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ (ଫଟୋ-ଦିନଲିପି)

ପୁଣି ଆଇସିସି ଅଧ୍ୟକ୍ଷ ହେଲେ ଜୟ ଶାହ

ନୂଆଦିଲ୍ଲୀ, ୧୬/୧୧: ପୁଣି ବିଶ୍ୱ କ୍ରିକେଟ୍‌ର ମଙ୍ଗ ଧରିବେ ଭାରତର ଜୟ ଶାହ। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ବା ଆଇସିସିର ଅଧ୍ୟକ୍ଷ ଭାବେ ଲଗାତାର ଦ୍ୱିତୀୟ ଥର ପାଇଁ ନିର୍ବିରୋଧରେ ପୁନଃନିର୍ବାଚିତ ହୋଇଛନ୍ତି ଜୟ ଶାହ। ଇଣ୍ଡୋନେସିଆର ବାଲିରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ତାଙ୍କ ପୁନଃନିଯୁକ୍ତିକୁ ଅନୁମୋଦନ ମିଳିଛି। ଆଗାମୀ ଦୁଇ ବର୍ଷ ପାଇଁ ସେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥାର ନେତୃତ୍ୱ ନେବେ। ୩୮ ବର୍ଷୀୟ ଜୟ ଶାହ ପୂର୍ବରୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ବା ବିସିସିଆଇର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ୨୦୨୪ ଡିସେମ୍ବର ପହିଲାରେ ସେ ପ୍ରଥମ ଥର ପାଇଁ ଆଇସିସି ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ସେ ଆଇସିସି ଇତିହାସର ସର୍ବକନିଷ୍ଠ ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିଥିଲେ। ଏବେ ପ୍ରଥମ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ତାଙ୍କ ନେତୃତ୍ୱ ଉପରେ ପୁଣି ଭରସା ପ୍ରକଟ କରିଛି ଆଇସିସି। ଜୟ ଶାହଙ୍କ ପୁନଃନିଯୁକ୍ତି ପରେ ଆଇସିସି ପକ୍ଷରୁ କୁହାଯାଇଛି, ବିଶ୍ୱବ୍ୟାପୀ କ୍ରିକେଟ୍‌ର ପ୍ରସାର, ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ଏବଂ ବାଣିଜ୍ୟିକ ବିକାଶ ଦିଗରେ ତାଙ୍କ ନେତୃତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମହିଳା କ୍ରିକେଟ୍‌କୁ ଅଧିକ ପ୍ରୋତ୍ସାହନ ଦେବା ସହ ଛୋଟ କ୍ରିକେଟ୍ ଖେଳୁଥିବା ଦେଶଗୁଡ଼ିକୁ ଅଧିକ ସୁଯୋଗ ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସବୁଠାରୁ ବଡ଼ କଥା ହେଉଛି, ୨୦୨୮ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସରେ ଦୀର୍ଘ ବର୍ଷ ପରେ କ୍ରିକେଟ୍ ପୁଣି ସାମିଲ ହେବାକୁ ଯାଉଛି। ଏଭଳି ସମୟରେ ଜୟ ଶାହଙ୍କ ଉପରେ ରହିବ ବଡ଼ ଦାୟିତ୍ୱ। ବିଶ୍ୱର ନୂଆ ଦର୍ଶକଙ୍କ ପାଖରେ କ୍ରିକେଟ୍‌କୁ ପହଞ୍ଚାଇବା ତାଙ୍କ ପାଇଁ ପ୍ରମୁଖ ଆହ୍ୱାନ ହେବ। ପୁନଃନିର୍ବାଚିତ ହେବା ପରେ ଜୟ ଶାହ ଆଇସିସି ବୋର୍ଡକୁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱ କ୍ରିକେଟ୍‌ର ଉନ୍ନତି, ଖେଳାଳିଙ୍କ ସ୍ୱାର୍ଥରକ୍ଷା ଓ ନୂଆ ପିଢ଼ିକୁ କ୍ରିକେଟ୍ ପ୍ରତି ଆକୃଷ୍ଟ କରିବା ପାଇଁ ସମସ୍ତ ସଦସ୍ୟ ଦେଶଙ୍କ ସହ ମିଶି କାମ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



ଜାତୀୟ ପ୍ରେସ ଦିବସ

ଚାପମୁକ୍ତ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ଆହ୍ୱାନ

ତରଭା, ୧୬/୧୧ (ନିପ୍ର): ତରଭା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ବ୍ଲକ ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ବିଡିଓ ଶିବାନନ୍ଦ କର୍ମୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାପମୁକ୍ତ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ଆହ୍ୱାନ ଦେଇଥିଲେ। ତହସିଲଦାର ଶ୍ୱେତାଲିନା ମହାଣା ଓ ଥାନା ଅଧିକାରୀ ଦୋଳାମଣି ନାଏକ ଯୋଗଦେଇଥିଲେ। ସମ୍ପାଦକ ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିବାବେଳେ ରାଜେଶ ମେହେର ଧନ୍ୟବାଦ ଦେଇଥିଲେ।

ମାର୍ଶାଘାଇ: ମାର୍ଶାଘାଇ ପ୍ରେସ୍ କ୍ଲବ ପକ୍ଷରୁ ଓରିଏଣ୍ଟାଲ କ୍ଲବ ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ରଣେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ହିମାଂଶୁ ଶେଖର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକତାରେ ସାଧୁତା, ସତ୍ୟତା ଓ ନିରପେକ୍ଷତା ବଜାୟ ରଖିବାକୁ କହିଥିଲେ। ସୁବାସ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ ଓ ଭତ୍ତା ପ୍ରଦାନ ପାଇଁ ଦାବି ଉଠିଥିଲା। ସମସ୍ତ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ।

ବେଲଗୁଣ୍ଡା: ବେଲଗୁଣ୍ଡା ବଣିକ ସଂଘ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ସଭାପତି ସିଏଚ୍ ସନତ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକମାନଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ସାମ୍ବାଦିକତାକୁ ସମାଜ ସଂସ୍କାରର ଶକ୍ତିଶାଳୀ ମାଧ୍ୟମ ବୋଲି ଅଭିହିତ କରିବା ସହ ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ବଣିକ ସଂଘ ଓ ପ୍ରେସ୍ କ୍ଲବର କର୍ମକର୍ତ୍ତାଙ୍କ ସମେତ ବହୁ ସାମ୍ବାଦିକ ଯୋଗଦେଇଥିଲେ। ଉପଜିଲ୍ଲାପାଳ, ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ।

ରାଉରକେଲା: ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସଦ୍‌ଭାବନା ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ ଯୋଗଦେଇ ସାମ୍ବାଦିକଙ୍କୁ ସମାଜର ଜାଗ୍ରତ ପ୍ରହରୀ ଓ ଜନସାଧାରଣଙ୍କ ସ୍ୱର ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ସୁସ୍ମିତା ଭୋଇ ସାମ୍ବାଦିକତାର ଭୂମିକା ଓ ଇତିହାସ ଉପରେ ମତ ରଖିଥିଲେ। ଏଥିରେ ସାମ୍ବାଦିକଙ୍କ ସମସ୍ୟା ଓ ପ୍ରେସ୍ ସ୍ୱାଧୀନତା ନେଇ ଖୋଲା ଆଲୋଚନା ହୋଇଥିଲା। ସେହିପରି ରାଉରକେଲା ପ୍ରଶାସନ ଏବଂ ଜିଲ୍ଲା ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିତଭାବେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି।

ଆସିକା: ଜାତୀୟ ପ୍ରେସ୍ ଦିବସ ଅବସରରେ 'ସମ୍ବାଦପତ୍ର ଓ ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ଶୀର୍ଷକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ନବମ ଶ୍ରେଣୀର ଖୁସି ପ୍ରଧାନ ପ୍ରଥମ, ରମେଶ୍ୱରୀ ନାହାକ ଦ୍ୱିତୀୟ ଓ ଦଶମ ଶ୍ରେଣୀର ଶୁଭମ ସେଠୀ ତୃତୀୟ ହୋଇଥିଲେ। ଉପଖଣ୍ଡ ସୂଚନା ଅଧିକାରୀ ସନ୍ତୋଷ କୁମାର ନାହାକଙ୍କ ସମେତ ଅତିଥିମାନେ କୃତୀଙ୍କୁ ପୁରସ୍କୃତ କରିଥିଲେ। ଆଲୋଚନାରେ କୃତ୍ରିମ ବୁଦ୍ଧିମତ୍ତାର ଉପକାରିତା, ଅପବ୍ୟବହାର ଓ ସାମ୍ବାଦିକଙ୍କ ସମାଜ ପ୍ରତି ଅବଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷକ ଓ ସାମ୍ବାଦିକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କୁଚିଣ୍ଡା: କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ସଭାପତି ଦିନେଶ ନନ୍ଦଙ୍କ ଅଧ୍ୟକ୍ଷତାରେ 'ସାମ୍ବାଦିକତା-ଜନାଦୃତି ନା ଉତ୍ତରଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସଞ୍ଜୟ ମିଶ୍ର, ସୁଧୀର ମହାନ୍ତି ଓ ସମ୍ପାଦକ ରିଙ୍କୁ କୁସୁମ ଯୋଗଦେଇ ନିରପେକ୍ଷ ଓ ସତ୍ୟନିଷ୍ଠ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେଇଥିଲେ। ସାମ୍ବାଦିକଙ୍କ ପେନସନ, ସୁରକ୍ଷା ଆଇନ ଓ ପିତାମାତାଙ୍କୁ ବୀମାଭୁକ୍ତ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉଠାଇବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

ନୟାଗଡ଼: ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ରରେ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ସାମ୍ବାଦିକ ଭବନ ସଭାପତି ରଜତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକମାନେ ଡିଜିଟାଲ ଯୁଗରେ ଟିଆରପି ଅପେକ୍ଷା ସତ୍ୟନିଷ୍ଠା, ନିରପେକ୍ଷତା ଓ କର୍ତ୍ତବ୍ୟବୋଧକୁ ଗୁରୁତ୍ୱ ଦେବା ଉପରେ ମତ ରଖିଥିଲେ।

ରାୟଗଡ଼: ରାୟଗଡ଼ ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁରଙ୍କ ଅଧ୍ୟକ୍ଷତାରେ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧତା' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ମୁଖ୍ୟବକ୍ତା ଡ. ଉମେଶ ଚନ୍ଦ୍ର ଶତପଥୀ ଡିଜିଟାଲ ଯୁଗରେ ଖବରର ସତ୍ୟତା, ନିରପେକ୍ଷତା ଓ ବିଶ୍ୱସନୀୟତାକୁ ପ୍ରାଥମିକତା ଦେବାକୁ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ଭୁବନେଶ୍ୱର: ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଉପରେ ଆଲୋଚନା କରି ଅତିଥିମାନେ ସତ୍ୟ, ନିରପେକ୍ଷ ଓ ନିର୍ଭୀକ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ମନୋରଞ୍ଜନ ପାଣିଗ୍ରାହୀ ସାମ୍ବାଦିକମାନେ ଆତ୍ମସଂଯମ ଓ ଅନୁଶାସନ ବଜାୟ ରଖିବାକୁ କହିଥିଲେ। ମୁଖ୍ୟବକ୍ତା ଅଖିଳ କୁମାର ମିଶ୍ର ପ୍ରତ୍ୟେକ ଖବରର ସତ୍ୟତା ଯାଞ୍ଚ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଏବଂ ସମ୍ବାଦପତ୍ର ପ୍ରଦର୍ଶନୀର ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

ନିରାକାରପୁର: ନିରାକାରପୁରସ୍ଥିତ ସଖା ସଂଘ କ୍ରୀଡ଼ା ସଂସଦ ପରିସରରେ ସୋମବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଏହି ଅବସରରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଓ ସାମ୍ବାଦିକଙ୍କ ସାମାଜିକ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ନିରପେକ୍ଷ ଓ ସତ୍ୟନିଷ୍ଠ ସାମ୍ବାଦିକତା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଏଥିରେ ମାନସ ଚନ୍ଦ୍ର ପଟ୍ଟନାୟକ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଲଛମନ ନାୟକ ଓ ହିମାଂଶୁ ଭୂଷଣ ଚଂଟିରାୟ ଉପସ୍ଥିତ ଥିଲେ।

ଭୋଗ ଅଇଁଠା କରିଦେବାରୁ ଝିଅକୁ ପିଟି ମାରିଦେଲା ମା'!

ପାଟନା, ୧୬/୧୧: ବିହାର ସମସ୍ତିପୁର ଜିଲ୍ଲାରେ ସୋମବାର ଏକ ହୃଦୟବିଦାରକ ଘଟଣା ଘଟିଛି। ଏହି ଜିଲାର ପୁସା ଥାନା ଅନ୍ତର୍ଗତ ମହମ୍ମଦପୁର ବିରୌଲି ଗାଁରେ ଛଟ୍ ପୂଜା ପ୍ରସାଦକୁ ଅଇଁଠା କରିଦେବାରୁ ଜଣେ ମା' ନିଜ ୪ ବର୍ଷର ଝିଅକୁ ନିର୍ମମ ଭାବେ ମାଡ ମାରିବା ଫଳରେ ତା'ର ମୃତ୍ୟୁ ଘଟିଥିବା କୁହାଯାଇଛି। ଘଟଣା ପରେ ପୁଲିସ ଅଭିଯୁକ୍ତ ମା' ରୀନା କୁମାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ଶିଶୁକନ୍ୟାର ନାମ ସୁହାନୀ କୁମାରୀ। ତା ବାପାଙ୍କ ନାମ ରାଜୁ ପାସୱାନ। ରାଜୁଙ୍କ କହିବା ଅନୁଯାୟୀ, ଛଟ୍ ପୂଜା ପାଇଁ ପରିବାରର ଅନ୍ୟ ସଦସ୍ୟମାନେ ଘର ନିକଟରେ ଘାଟ ତିଆରି କରିବାକୁ ଯାଇଥିଲେ। ଘରେ ଏହି ସମୟରେ ରୀନା ଓ ଝିଅ ସୁହାନୀ ଥିଲେ। ରୀନା ଘରେ ପୂଜା ପାଇଁ ପିଠାପଣା ପ୍ରସ୍ତୁତ କରୁଥିଲେ। ଏହି ସମୟରେ ସୁହାନୀ ଅଜାଣତରେ ପ୍ରସାଦକୁ ଅଇଁଠା କରିଦେଇଥିଲା। ଏଥିରେ ରାଗିଯାଇ ମା' ରୀନା ଝିଅକୁ ଖୁବ୍ ମାଡ଼ ମାରିଥିବା ରାଜୁ ଅଭିଯୋଗ କରିଛନ୍ତି। ମା ଠୁ ନିସ୍ତୁକ ମାଡ଼ ଖାଇବା ପରେ ସୁହାନୀର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା। ଏହାପରେ ରୀନା ନିଜେ ତାକୁ ଚିକିତ୍ସା ପାଇଁ ଏକ ଘରୋଇ ନର୍ସିଂହୋମ୍‌କୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ଶିଶୁଟିକୁ ମୃତ ଘୋଷଣା କରିଥିଲେ।

ଜାତୀୟ ପ୍ରେସ୍ ଦିବସରେ ୫ ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୧୬/୧୧(ନିପ୍ର): ଜାତୀୟ ପ୍ରେସ୍ ଦିବସ ଅବସରରେ 'ସାମ୍ବାଦିକତା: ଲୋକପ୍ରିୟତା ନା ଦାୟିତ୍ୱବୋଧ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ପାଞ୍ଚଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଆଲୋଚନାରେ ସାମ୍ବାଦିକଙ୍କ ସୁରକ୍ଷା, ସ୍ୱାଧୀନତା ଓ ନୈତିକ ଦାୟିତ୍ୱ ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। 'ଉତ୍କଳ ମେଲ୍' ସମ୍ପାଦକ ପୀତବାସ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ଓ ପୂର୍ବତନ ବ୍ୟୁରୋଚିଫ୍ ରାଜାରାମ ଶତପଥୀ ପ୍ରମୁଖ ମତ ରଖିଥିଲେ। ତୃତୀୟ ଅଧିବେଶନରେ ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ବିଆଇର ମହାପ୍ରବନ୍ଧକ ପ୍ରବୁଦ୍ଧ କୁମାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ ପରିବେଷଣ ମଧ୍ୟ ଆକର୍ଷଣ ସାଜିଥିଲା।

ଅମୃତ ଭାରତ ଷ୍ଟେସନ ଯୋଜନାରେ ମଞ୍ଜେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶ

ଭୁବନେଶ୍ୱର, ୧୬/୧୧(ପିଆଇବି): ଓଡ଼ିଶାର ମଞ୍ଜେଶ୍ୱର ରେଳ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ନୂତନ ରୂପ ପ୍ରଦାନ କରାଯାଇଛି। ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ଯାତ୍ରୀ ଅନୁକୂଳ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁରୂପ ବିକଶିତ କରିବା ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାକୁ ଏହି ପୁନର୍ବିକାଶ ପ୍ରତିଫଳିତ କରୁଛି। ପ୍ରାୟ ୧୫.୪୯ କୋଟି ଟଙ୍କା ବ୍ୟୟ ଅଟକଳରେ ପୁନର୍ବିକଶିତ ଏହି ଷ୍ଟେସନରେ ଯାତ୍ରୀମାନଙ୍କ ସୁବିଧା, ଆରାମ ଓ ସହଜ ଯାତାୟାତ ପାଇଁ ବିଭିନ୍ନ



ଉନ୍ନତ ସୁବିଧା ଉପଲବ୍ଧ କରାଯାଇଛି। ଯାତ୍ରୀମାନଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଷ୍ଟେସନର ଭିତ୍ତିଭୂମିରେ ଉନ୍ନତି ଅଣାଯାଇଛି। ଷ୍ଟେସନରେ ୭୬୦ ବର୍ଗ ମିଟର ପରିମିତ ଏକ ନୂତନ ଷ୍ଟେସନ ଭବନ ନିର୍ମାଣ କରାଯାଇଥିବାବେଳେ ୪,୪୪୯ ବର୍ଗ ମିଟର ପରିମିତ ଅଞ୍ଚଳରେ ସର୍କୁଲେଟିଂ ଏରିଆର ଉନ୍ନତିକରଣ କରାଯାଇଛି। ଏଥିସହିତ ଯାନବାହନ ଚଳାଚଳକୁ ସୁଗମ କରିବା ଏବଂ ଷ୍ଟେସନକୁ ଯାତ୍ରୀମାନଙ୍କ ସହଜ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ଆପ୍ରୋଚ୍ ରୋଡ୍ ଓ ପାର୍କିଂ ବ୍ୟବସ୍ଥାର ମଧ୍ୟ ବିକାଶ କରାଯାଇଛି। ଷ୍ଟେସନର ପ୍ରମୁଖ ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ପ୍ରାୟ ୨୦,୭୦୦ ବର୍ଗ ମିଟର ପରିମିତ ପ୍ଲାଟଫର୍ମର ନୂତନ ଫ୍ଲୋରିଂ ଏବଂ ୪୫ଟି ବେ ସମ୍ବଳିତ ପ୍ଲାଟଫର୍ମ ସେଲ୍ଟର ନିର୍ମାଣ ଅନ୍ତର୍ଭୁକ୍ତ।

ଗୁନ୍ଦୁଳିଆରେ ନୂତନ ବିଦ୍ୟୁତ୍ ସବ୍‌ଷ୍ଟେସନ୍ ଉଦ୍‌ଘାଟିତ

୫ ହଜାର ଉପଭୋକ୍ତା ହେବେ ଉପକୃତ, ଭୋଲ୍ଟେଜ ସମସ୍ୟା କମିବ

ବୌଦ୍ଧ, ୧୬/୧୧(ନିପ୍ର): ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ବୌଦ୍ଧ ବ୍ଲକ୍‌ର ଗୁନ୍ଦୁଳିଆଠାରେ ନୂତନ ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେସନ୍ ଉଦ୍‌ଘାଟିତ ହୋଇଛି। କଣ୍ଧାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଟିପିଏସ୍ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତ କୁମାର ଗର୍ଗ, ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଓ ଜିଲ୍ଲା ପରିଷଦ ସଦସ୍ୟ ଇଂ. ରାକେଶ ତ୍ରିପାଠୀଙ୍କ ସମେତ ବିଦ୍ୟୁତ୍ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶା ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥା ସୁଦୃଢ଼ୀକରଣ ପ୍ରକଳ୍ପ (ଓଡିଏସ୍ଏସ୍‌ପି-୪) ଅଧୀନରେ ନିର୍ମିତ ଏହି ସବ୍‌ଷ୍ଟେସନ୍‌ରେ ୫ ଏମ୍‌ଭିଏ କ୍ଷମତାବିଶିଷ୍ଟ ଦୁଇଟି ପାୱାର ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଏହାର ମୋଟ କ୍ଷମତା ୧୦ ଏମ୍‌ଭିଏ ରହିଛି। ଏହି ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ହେବା ଫଳରେ



ଶଗଡ଼ା, ଗୋଛାପଡ଼ା, ତିଲିପଙ୍କା ଓ ଖଜୁରିପଡ଼ା ନାମରେ ଚାରୋଟି ସ୍ୱତନ୍ତ୍ର ୧୧ କେଭି ଫିଡର୍ ମାଧ୍ୟମରେ ବିଦ୍ୟୁତ୍ ବଣ୍ଟନ ସୁବିଧା ହେବ। ପୂର୍ବରୁ ଏହି ଅଞ୍ଚଳକୁ ବାଉଁଶୁଣୀ ସବ୍‌ଷ୍ଟେସନ୍‌ରୁ ବିଦ୍ୟୁତ୍ ଯୋଗାଣ କରାଯାଉଥିଲା। ନୂତନ ସବ୍‌ଷ୍ଟେସନ୍ ଦ